# କଳାପଥର ପାଇଁ ବଳି ପଡୁଛି ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ

■ ନାଲି ଫିତା ତଳେ ଜଙ୍ଗଲ ବିଭାଗର ପତ୍ର
■ ମାଇନ୍ସ ମ୍ୟାନେଜର ନିଯୁକ୍ତି ନିର୍ଦ୍ଦେଶ ପ୍ରହସନ


ଜଙ୍ଗଲ ଜମିରେ ଥିବା ପାହାଡ଼ରୁ କଳାପଥର ଉତ୍ତୋଳନ କରାଯାଇଛି ।

**ଯାଜପୁର,୧୫।୧୦(ହର୍ଷବର୍ଦ୍ଧନ ବେହେରା):**

ସବୁଜିମା ସୃଷ୍ଟି ଓ ସୁରକ୍ଷା ନିମନ୍ତେ ସରକାରୀସ୍ତରରୁ ଆରମ୍ଭ କରି ବେସରକାରୀସ୍ତର ପର୍ଯ୍ୟନ୍ତ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ମାତ୍ର ବାସ୍ତବପକ୍ଷେ ଦେଖିବାକୁ ଗଲେ ଯେତିକି ଜଙ୍ଗଲ ଅଛି ତା'ର ସୁରକ୍ଷା ଦିଗରେ ବନ ବିଭାଗ ସମ୍ପୂର୍ଣ୍ଣ ବିଫଳ ହୋଇଛି । ଏପରି କି ଯାଜପୁର ଜିଲାର ୧୫ଟି ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ(ପିଆରଏଫ୍)ଜମିକୁ ଏଯାଏ ସଂରକ୍ଷିତ ଜଙ୍ଗଲ(ଆରଏଫ୍) ମାନ୍ୟତା ମିଳିପାରି ନାହିଁ। ବରଂ ଏଫ୍‌ସି ଆକ୍ଟ-୧୯୮୦କୁ ଉଲ୍ଲଂଘନ କରି ମଉଳାଭଞ୍ଜା ଓ ବଳରାମପୁର ପିଆରଏଫ୍ ଜମିରୁ ବ୍ୟାପକ ଭାବେ କଳାପଥର ଲୁଟ ଚାଲିଛି। ଏହାବାଦ୍ ବରଡା ମୌଜାର ଡ଼ଙ୍କାରୀ ପାହାଡ଼ ପାଦଦେଶରେ ଥିବା ଝାଟି ଜଙ୍ଗଲରୁ ମଧ୍ୟ ଗତ ୨ ମାସ ହେବ ପ୍ରାୟ ୧୦ କୋଟି ଟଙ୍କାର ବେଆଇନ କଳାପଥର ଉତ୍ତୋଳନ ହୋଇ ସାରିଥିବା ସ୍ଥାନୀୟ ଅଞ୍ଚଳବାସୀଙ୍କ ନିକଟରୁ ସୂଚନା ମିଳିଛି। ଯାଜପୁର ଜିଲାପାଳଙ୍କୁ ୧୬।୨।୨୦୧୯, ୧୩।୯।୨୦୧୯ ଓ ୨।୮।୨୦୨୪ରେ କଟକ ବନଖଣ୍ଡ ଅଧିକାରୀ(ଡିଏଫ୍‌ଓ)ଙ୍କ ଦ୍ୱାରା ହୋଇଥିବା ନିର୍ଦ୍ଦେଶ ମଧ୍ୟ ଏଠାରେ କାର୍ଯ୍ୟକାରୀ ହୋଇ ପାରୁନାହିଁ। ଏହି ବେଆଇନ କାର୍ଯ୍ୟରେ କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପରୋକ୍ଷ ହାତ ଥିବାରୁ ସମସ୍ତ ସରକାରୀ ନିର୍ଦ୍ଦେଶ ନାଲିଫିତା ଭିତରେ ବନ୍ଧା ପଡୁଛି ବୋଲି ମତପ୍ରକାଶ ପାଇଛି।

ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ତାଳଜଙ୍ଗ ଗ୍ରାମ ପଞ୍ଚାୟତରେ ଥିବା ବଳରାମପୁରଗଡ଼ ଓ ଏହାର ଆଖପାଖ ଜଙ୍ଗଲ ଜମି ଅଞ୍ଚଳରୁ ବେଆଇନ ପଥର ଖାଦାନ ତୁରନ୍ତ ବନ୍ଦ କରିବାକୁ ହାଇକୋର୍ଟ ଗତ ୨୬।୨।୨୦୦୬ରେ ଯାଜପୁର ଜିଲାପାଳ, ପୋଲିସ ଅଧୀକ୍ଷକ, ଆଠଗଡ ଡିଏଫ୍‌ଓ ଓ ଧର୍ମଶାଳା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ସ୍ଥାନୀୟ ରାଜସ୍ୱ ବିଭାଗ କର୍ତ୍ତୃପକ୍ଷ ଭାରତୀୟ ଜଙ୍ଗଲ ସଂରକ୍ଷଣ ଆଇନ ୧୯୮୦ର ବିରୋଧାଚରଣ କରି ପଥର ଖାଦାନ କରିବାକୁ କେତେଜଣ ପଥର ବ୍ୟବସାୟୀଙ୍କୁ ବେଆଇନ ଭାବେ ଲିଜ୍ ସୂତ୍ରରେ ଦେଇଥିଲେ । ପଥର ବେପାରୀମାନେ ବେଆଇନ ଡିନାମାଇଟ ଦ୍ୱାରା ପାହାଡ଼ ଫଟାଇ କ୍ରଶରଗୁଡିକୁ ପଥର ଯୋଗାଇଥିଲେ । ଏହାଦ୍ୱାରା ପାହାଡ଼ ଉପରେ ଥିବା ଐତିହାସିକ ବଳରାମପୁରଗଡ଼ ଗ୍ରାମ ଓ ପାହାଡ଼ ତଳେ ଥିବା ବହୁ ଗ୍ରାମର ଜଳସ୍ତର ଓ ପରିବେଶ ସଙ୍କଟରେ ଗତି କରୁଥିଲା । ଡିନାମାଇଟ ବିସ୍ଫୋରଣ ହେତୁ ଜଗନ୍ନାଥ ମନ୍ଦିର, ରାମଲକ୍ଷ୍ମଣ ଟୁଙ୍ଗି, ପତିତପାବନ ଓ ବାଲୁକେଶ୍ୱର ମନ୍ଦିର, ଉତ୍ତର-ପୂର୍ବ ଦିଗରେ ଥିବା ସାରୋଇ ଗ୍ରାମର ସୋରାଈଶ୍ୱର ଓ କୁସୁନପୁର ଗ୍ରାମର ମା'ଚଣ୍ଡୀ ମନ୍ଦିର ଡିନାମାଇଟ ବିସ୍ଫୋରଣ ଯୋଗୁ ପ୍ରଭାବିତ ହେଉଥିଲା । ବିଷାକ୍ତ ଗ୍ୟାସ ଯୋଗୁ ଲୋକେ ଓ ଗୃହପାଳିତ ପ୍ରାଣୀ ନାନା ରୋଗରେ ଆକ୍ରାନ୍ତ ହେଉଥିଲେ । ଖାଦାନରେ ପଡି ଗୋରୁଗାଈ ମରୁଥିଲେ । ଏହାପରେ ୨୦୧୯ରେ ପିଆରଏଫ୍ ବିଷୟ ଲୋକଙ୍କ ସମ୍ମୁଖକୁ ଆସିଥିଲା । ଜଙ୍ଗଲ ବିଭାଗର ରିପୋର୍ଟ ଅନୁସାରେ ୧୯୭୦ ରୁ ୧୯୮୦ ମଧ୍ୟରେ କଟକ ଫରେଷ୍ଟ ଡିଭିଜନ ଅନ୍ତର୍ଗତ ଯାଜପୁର ଜିଲାର ୧୫ଟି ଫରେଷ୍ଟ ବ୍ଲକକୁ ଓଡ଼ିଶା ଜଙ୍ଗଲ ଆଇନ-୧୯୭୨ କିମ୍ବା ଭାରତୀୟ ଜଙ୍ଗଲ ଆଇନ-୧୯୨୭ର ଧାରା ୪(୧)ରେ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ଭାବେ ଘୋଷଣା କରାଯାଇଥିଲା । ଏଥିରେ ସତଲୁଣ୍ଡି, କଳକଳା, ମଧୁପୁର, ନିମିଟି, ଏସିଆ ଚାରିନଙ୍ଗଲ, ବଜ୍ରଗିରି, ମଉଳାଭଞ୍ଜା, କଣ୍ଟିଗଡିଆ, ନଳିଡା, କୋହ୍ଲା-ଏ, ବଳରାମପୁର, ପଞ୍ଚଭାୟା, ଅଧିକାରିମଳ, ବରିମୁଳ ଓ ବନ୍ଧପାଳି ଫରେଷ୍ଟ ବ୍ଲକ ରହିଛି। ଏହିମର୍ମରେ ଡିଏଫ୍‌ଓ ତାଙ୍କ ଅନୁରୋଧ ପତ୍ରରେ ଦର୍ଶାଇଥିଲେ, ସାଧାରଣ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ସଂରକ୍ଷିତ ଜଙ୍ଗଲ ଘୋଷଣାର ଆବଶ୍ୟକତା ରହିଛି। ତେଣୁ ଫରେଷ୍ଟ ସେଟେଲମେଣ୍ଟ ଅଫିସରଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇ ଏହି କାର୍ଯ୍ୟ ସମ୍ପାଦନ କରିବାକୁ ପତ୍ରରେ ଅନୁରୋଧ କରାଯାଇଥିଲା। କିନ୍ତୁ ଏହି ପ୍ରସ୍ତାବ କେତେଜଣ କଳାପଥର ବ୍ୟବସାୟୀ ଓ ରାଜନେତାଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି କେବଳ ପତ୍ର ଆଦାନ ପ୍ରଦାନରେ ସୀମିତ ରହି ଆସିଛି ବୋଲି ମତପ୍ରକାଶ ପାଇଛି। ଏହାର ସୁଯୋଗରେ କେବଳ ପିଆରଏଫ୍ ନୁହେଁ ବିନା ମାଇନ୍ସ ମ୍ୟାନେଜରରେ ଡ଼ଙ୍କାରୀ ପାହାଡ଼ରେ ଲକ୍ଷ୍ମୀ ଏକ୍ସପର୍ଟ ଏବଂ ବାଜବାଟୀରେ ୩ ଜଣ ଲିଜ୍‌ଧାରୀ ବିପଦପୂର୍ଣ୍ଣ ବ୍ଲାଷ୍ଟିଂ କରି କଳାପଥର ଉତ୍ତୋଳନ କରୁଥିବା ସୂଚନା ମିଳିଛି। ବେଆଇନ କଳାପଥର ଖାଦାନଗୁଡିକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଏକାଧିକ ଥର ମୁଖ୍ୟମନ୍ତ୍ରୀଙ୍କ ସମେତ ସଂପୃକ୍ତ ପ୍ରଶାସନିକ ଅଧିକାରୀଙ୍କୁ ଚିଠି ଲେଖିଥିଲେ ବି ଏଯାଏ କିଛି ସୁଫଳ ମିଳି ପାରୁନାହିଁ।

ଏ ସଂକ୍ରାନ୍ତରେ ଲଘୁ ଖଣି ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକ କୁହନ୍ତି, ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ କରାଯାଉଛି। କେତେଜଣ ବେଆଇନ ଖାଦାନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଲିଜଧାରୀମାନଙ୍କୁ ମାଇନ୍ସ ମ୍ୟାନେଜର ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ହୋଇଛି।

# ବିଶ୍ୱ ଧଳାବାଡ଼ି ଦିବସ ପାଳିତ


ଦୃଷ୍ଟିବାଧିତଙ୍କୁ ଧଳାବାଡ଼ି ପ୍ରଦାନ କରାଯାଉଛି ।

**ଯାଜପୁରରୋଡ୍,୧୫।୧୦(ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶହୀଦ ଭଗତ ସିଂହ ଯୁବକ ସଂଘ ପକ୍ଷରୁ ମଙ୍ଗଳବାର ହୋଟେଲ ରୟାଲ କଳିଙ୍ଗଠାରେ ରାଜ୍ୟସ୍ତରୀୟ ୬୦ତମ ବିଶ୍ୱ ଧଳାବାଡ଼ି ଦିବସ ପାଳିତ ହୋଇଯାଇଛି। ଏଥିରେ ଭଦ୍ରକ, ଯାଜପୁର, କଟକ, ବାଲେଶ୍ୱର, ଖୋର୍ଦ୍ଧା, ଗଞ୍ଜାମ ଓ କେନ୍ଦୁଝର ଆଦି ଜିଲାରୁ ପ୍ରାୟ ୬୩ରୁ ଊର୍ଦ୍ଧ୍ୱ ଦୃଷ୍ଟି ବାଧିତ ଉପସ୍ଥିତ ଥିଲେ। ସଂଘସଭାପତି ରାଜେନ୍ଦ୍ର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଏଭଳି କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ଇନ୍ଦିରା ଗାନ୍ଧୀ ମହିଳା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ରତ୍ନାକର ଜେନା ଯୋଗଦେଇ ଦିବସ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ଖଣି ନିଗମର ଏଚ୍‌ଆର ମୁଖ୍ୟ ଦେବାଶିଷ ସାମଲ ଯୋଗଦେଇ ଖୁସି ବ୍ୟକ୍ତ କରିବା ସହ ଏଭଳି ସମାଜସେବା କାର୍ଯ୍ୟରେ ସମସ୍ତେ ସହଯୋଗର ହାତ ବଢ଼ାଇବା ଦରକାର ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ନରେଶ ମସ୍କରା ଏବଂ ଦିନେଶ ମସ୍କରା ଯୋଗଦେଇ ସଂଗଠନର ଏଭଳି ମହତ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ପରେ ଉପସ୍ଥିତ ଦୃଷ୍ଟି ବାଧିତଙ୍କୁ ଅତିଥିଙ୍କ ଦ୍ୱାରା ଧଳାବାଡ଼ି ବଣ୍ଟନ କରାଯାଇଥିଲା। ସଂଘ ସଭ୍ୟ ବାଇଧର ମାଝୀ ମଞ୍ଚ ପରିଚାଳନା କରିଥିବାବେଳେ ଉପସଭାପତି କଳିଙ୍ଗ ପହି ଅତିଥି ପରିଚୟ ପ୍ରଦାନ କରିଥିଲେ। ସିପିଆଇ ନେତା ଆଲୋକ ମହାନ୍ତି, ସାହିତ୍ୟିକ ଭୁବନ ମୋହନ ମହାନ୍ତି, ସାମାଜିକ କର୍ମୀ ତବିନ ସାମଲ, ଖବରଦାତା ତପନ ମିଶ୍ର, ଦିଲୀପ ମହାନ୍ତି, କଳ୍ପତରୁ ଧୀର, ପଦ୍ମଲୋଚନ ନାୟକ ଉପସ୍ଥିତ ଥିଲେ। ସଂଘ ଉପଦେଷ୍ଟା ନାରାୟଣ ଚନ୍ଦ୍ର ନାୟକ, ସମ୍ପାଦକ ହେମନ୍ତ କୁମାର ଧୀରଙ୍କ ସହିତ ସହସମ୍ପାଦକ ଅକ୍ଷୟ ନାୟକ, ହେମନ୍ତ ନାୟକ, ପରେଶ ଦାଶ, ଅସିତ ଦାଶ, ଚିନ୍ତାମଣି ମଲ୍ଲିକ, ପ୍ରମୋଦ ମଲ୍ଲିକ, ଆଶିଷ ମଲ୍ଲିକ, ରମେଶ ବିଶ୍ୱାଳ, ଦୀପକ ଦାଶ, ସୁନୀଲ ନାୟକ, ଗୁଣ୍ଡୁଚି ଦାଶ, ସୌମ୍ୟରଞ୍ଜନ ପହି, କ୍ରିଷ୍ଣା କୁମାର ଯେନା, ଆଶିଷ କୁମାର ଯେନା, ମାନସ ବିଶାଳ, ଆଶିଷ ଦାଶ, ବାଦଲ ମହାନ୍ତି, ରବୀନ୍ଦ୍ର ପଡିହାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମହେଶ୍ୱର ନାୟକ ଧନ୍ୟବାଦ ଦେଇଥିଲେ।

# ପୋଖରୀରେ ବୁଡ଼ି ଶିକ୍ଷାବିତ୍‌ଙ୍କ ମୃତ୍ୟୁ

**ରାଜନଗର, ୧୫।୧୦(ଭାସ୍କର ରାଉତରାୟ)**

ରାଜନଗର ଥାନା ଡାଙ୍ଗମାଳ ପଞ୍ଚାୟତ ରଗଡ଼ାପାଟିଆ ଗାଁର ସୁଶାନ୍ତ କୁମାର ବେହେରା (୭୪) ପୋଖରୀରେ ବୁଡ଼ି ଯିବାରୁ ମୃତ୍ୟୁ ଘଟିଛି। ଶିକ୍ଷକତାରୁ ଅବସର ଗ୍ରହଣ କରିବା ପରେ ବାସ୍ତୁଶାସ୍ତ୍ର, ଜ୍ୟୋତିଷ ଶାସ୍ତ୍ର ଓ କବିରାଜି ଚିକିତ୍ସାରେ ସମୟ କାଟୁଥିଲେ। ନିଜ ଘରଠାରୁ ଅଳ୍ପ କିଛି ଦୂରରେ ପୋଖରୀରେ ମାଛ ଚାଷ କରିଥିଲେ। ସେଠାରେ ଥିବା ଘରେ ମଝିରେ ମଝିରେ ରାତ୍ରିଯାପନ କରିଥାନ୍ତି। ସେହି ଘରେ ଥିବାବେଳେ ସକାଳେ ତାଙ୍କୁ ପୋଖରୀରେ ଭାସୁଥିବା ଦେଖିବାକୁ ମିଳିଥିଲା। ପୋଖରୀ ନିକଟକୁ ଯାଇଥିବା ବେଳେ କୌଣସି କାରଣ ବଶତଃ ପୋଖରୀକୁ ଖସିପଡ଼ି ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକଙ୍କ ପକ୍ଷରୁ କୁହାଯାଉଛି। ପୋଲିସ ମୃତଦେହ ଜବତ କରି ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର ପରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ଦୁଇପୁଅ ସତ୍ୟବ୍ରତ, ଦେବବ୍ରତ ଓ ଜ୍ୱାଇଁ ତପନ କୁମାର ଗନ୍ତାୟତ, ସୁଶାନ୍ତ କୁମାର ଭୂୟାଁ, ଦିବ୍ୟେନ୍ଦୁ ବେହେରାଙ୍କ ସମେତ ବନ୍ଧୁ ଓ ପରିଜନ ଉପସ୍ଥିତ ଥିଲେ। ସେ ଜଣେ ଆଦର୍ଶ ଶିକ୍ଷକ ଭାବେ ଅଞ୍ଚଳରେ ସୁନାମ ଅର୍ଜନ କରିଥିଲେ। ଶିକ୍ଷକତା ପରେ ତାଙ୍କର ସମାଜସେବାକୁ ଲୋକେ ଝୁରୁଛନ୍ତି।

# 'ଚାହାଣି'ର ପୂଜା ସଂଖ୍ୟା ଉନ୍ମୋଚିତ


ଅତିଥି 'ଚାହାଣି'ର ପୂଜା ସଂଖ୍ୟା ଉନ୍ମୋଚନ କରୁଛନ୍ତି ।

**ପାଣିକୋଇଲି,୧୫।୧୦(ବିକାଶ ମଲ୍ଲିକ):**

ଯାଜପୁର ଜିଲାରୁ ପ୍ରକାଶ ପାଉଥିବା 'ଚାହାଣି' ପତ୍ରିକାର ୨୦୨୪ ପୂଜା ସଂଖ୍ୟା ଉନ୍ମୋଚିତ ହୋଇଯାଇଛି। କୋରେଇ ବ୍ଲକ ମୂଳାପାଳ ପଞ୍ଚାୟତର ଲିଙ୍ଗେଶ୍ୱରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶ୍ରମିକ ନେତା ମାୟାଧର ନାୟକ ଯୋଗଦେଇ ସଭାକୁ ଉଦ୍‌ଘାଟନ କରିଥିଲେ। ପରେ ପତ୍ରିକା ଉନ୍ମୋଚନ କରାଯାଇଥିଲା। ମଞ୍ଚ ସଭାପତି ଶିକ୍ଷାବିତ ଅନନ୍ତ ଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ମୁଖ୍ୟବକ୍ତାଭାବେ ଯାଜପୁର ଜିଲା ଲେଖକ ସମ୍ମେଳନର ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି, ସମ୍ମାନିତ ଅତିଥିଭାବେ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି, ପ୍ରାକ୍ତନ ଅଧ୍ୟକ୍ଷ ଶିବଚରଣ ମାଝୀ, ଗୋଲକ ଚନ୍ଦ୍ର ମାଝୀ ଓ ଗୀତିକାର ବୃନ୍ଦାବନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଉପସଭାପତି ପଣ୍ଡିତ ବ୍ରଜକିଶୋର ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପତ୍ରିକାର ସମ୍ପାଦକ ଡ. ଚନ୍ଦ୍ରକାନ୍ତ ମହାନ୍ତି ବିବରଣୀ ପ୍ରଦାନ କରିଥିଲେ। ଅଧ୍ୟାପିକା ସାଗରିକା ରଥ ଓ ଅଧ୍ୟାପକ ବିଜୟ ନାୟକ ମାନପତ୍ର ପାଠ କରିଥିଲେ। ଏହି ଅବସରରେ 'ଚାହାଣି' ପୁରସ୍କାର ବିଶିଷ୍ଟ ଲେଖକ ମାୟାଧର ନାୟକ,'ଚାହାଣି'ସମ୍ମାନ ବରିଷ୍ଠ ସାମ୍ବାଦିକ ସୁବାସ ଧଳଙ୍କୁ ପ୍ରଦାନ କରାଯାଇଥିଲା। ପ୍ରଥମ ଅଧିବେଶନରେ ଅଧାପକ ଦାମୋଦର ବେହେରାଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଲେଖକ ଡ. ଗୌତମ ଜେନା, ମୁଖ୍ୟବକ୍ତା ପଣ୍ଡିତ ଡ. ସୂର୍ଯ୍ୟମଣି ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ପ୍ରଦୀପ କୁମାର ଦାସ, ପ୍ରାବନ୍ଧିକ ଡ. ମେହାନ ଚରଣ ଖୁଣ୍ଟିଆ, ବିଷ୍ଣୁ ଚରଣ ଧଳ ଓ ବିଶିଷ୍ଟ ଲେଖକ ଡ. ରାଜକିଶୋର ପାଢ଼ୀ ଯୋଗ ଦେଇଥିଲେ। ଅଧ୍ୟାପକ ବିଜୟ କୁମାର ନାୟକ ଓ ବୃନ୍ଦାବନ ସାହୁ କବିତା ପାଠୋତ୍ସବର ସଂଯୋଜନା କରିଥିଲେ। ଶତାଧିକ କବୟିତ୍ରୀକବି ଯୋଗଦେଇ କବିତା ପାଠ କରିଥିଲେ। ଲିଙ୍ଗେଶ୍ୱର ଉନ୍ନୟନ କମିଟିର ପ୍ରମୋଦ କୁମାର ସାହୁ, ଶରତ ଚନ୍ଦ୍ର ଧଳ, ବାସୁଦେବ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ବିଜୟ ନାୟକ ଧନ୍ୟବାଦ ଦେଇଥିଲେ।

# ହରପାର୍ବତୀ ପୂଜା କମିଟି ପକ୍ଷରୁ ଚାରା ବଣ୍ଟନ

**ପ୍ରୀତିପୁର,୧୫।୧୦(ସୁଶାନ୍ତ ବେହୁରିଆ):**

ମଙ୍ଗଳପୁର ବଜାର ମଧ୍ୟରେ ଦୁର୍ଗାପୂଜା ଅବସରରେ ମେଡିକାଲ ଛକଠାରେ ହରପର୍ବତୀଙ୍କ ପୂଜା ଅନୁଷ୍ଠିତ ହେଉଛି। ଚଳିତ ବର୍ଷ ଖୁବ ଜାକଜମକରେ ପାଞ୍ଚ ଦିନ ଧରି ପୂଜା ଅନୁଷ୍ଠିତ ହୋଇଛି। ପରେ କମିଟି ପକ୍ଷରୁ ବୃକ୍ଷ ହିଁ ଜୀବନ ଶୀର୍ଷକ କାର୍ଯ୍ୟକ୍ରମ କରାଯିବା ସହ ପଥଚାରୀଙ୍କୁ ଚାରାବଣ୍ଟନ କରାଯାଇଛି। ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ମଙ୍ଗଳପୁର ଥାନା ଅଧିକାରୀ ଚିନ୍ମୟୀ ସାହୁ, ସମ୍ମାନିତ ଅତିଥିଭାବେ ମଙ୍ଗଳପୁର ବଣିକ ସଂଘ ସଭାପତି ଅକ୍ଷୟ ପାତ୍ର, ସମ୍ପାଦକ ଭରତ ଚନ୍ଦ୍ର ଦାସ, କ୍ଷୀରୋଦ ଶତପଥୀଙ୍କ ସମେତ ହରପର୍ବତୀ କମିଟି କର୍ମକର୍ତ୍ତା ଆଲୋକ ବାରିକ, ଘନଶ୍ୟାମ ସାହୁ, ଜ୍ଞାନରଞ୍ଜନ ବିଶ୍ୱାଳ, ବାମଦେବ କୁଣ୍ଡୁ, ସୌମ୍ୟରଞ୍ଜନ ନାୟକ, ଶରତ ଚନ୍ଦ୍ର ସାହୁ ଓ ଅଭୟ ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ପଥଚାରୀଙ୍କୁ ଚାରା ବଣ୍ଟନ କରାଯାଉଛି ।

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଚାଷୀଙ୍କ ମୃତ୍ୟୁ

**ଯାଜପୁର ଟାଉନ,୧୫।୧୦ (ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି):**

ବିଲ କାର୍ଯ୍ୟ ସାରିଘରକୁ ଫେରୁଥିବାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଯାଜପୁର ବ୍ଲକ୍ ଅନ୍ତର୍ଗତ ଚଇନିପୁର ପଞ୍ଚାୟତ ସୁନ୍ଦରପୁର ଗ୍ରାମର ରବୀନ୍ଦ୍ର ଜେନା(୫୫)। ସେ ପୂର୍ବାହ୍ନରେ ବିଲକୁ ସାର ବୁଣିବାକୁ ଯାଇଥିଲେ। କାମ ସାରି ଅପରାହ୍ନରେ ଘରକୁ ଫେରୁଥିବାବେଳେ ବାଟରେ ଅନ୍ୟ ଜଣେ ବ୍ୟକ୍ତି ତାଙ୍କ ବିଲ ଚର୍ତୁପାର୍ଶ୍ୱରେ ବାଡ ବୁଜି ବିଦ୍ୟୁତ୍ ସଂଯୋଗ କରୁଥିବାରୁ ତାହା ସଂସ୍ପର୍ଶରେ ଆସିବାରୁ ରବୀନ୍ଦ୍ରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ରବୀନ୍ଦ୍ରଙ୍କ ୩ଟି ଝିଅ। ସେ ଚାଷ କରି ପରିବାର ପୋଷଣ କରିଥାନ୍ତି। ସରକାରଙ୍କ ପକ୍ଷରୁ ତାଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ବିଦ୍ୟୁତ୍ ତାର ଗୁଡ଼ାଇ ଥିବା ଚାଷୀଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ କରାଯାଇଛି।

# ମହିଳାଙ୍କୁ ଅସଦାଚରଣ, ଯୁବକ ଗିରଫ

**କଳିଙ୍ଗନଗର,୧୫।୧୦(ଶୁଭାଶିଷ ରାଉତ):**

ଜଣେ ମହିଳାଙ୍କୁ ଘରେ ପଶି ଅସଦାଚରଣ କରାଯାଇଥିବା ଟମକା ଥାନାରେ ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗ ଆଧାରରେ ପୋଲିସ ଟୁଙ୍ଗେଇଶୁଣିର ରତ୍ନାକର ମୁର୍ମୁ(୫୬)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗତ ୧୨ ତାରିଖ ରାତିରେ ମହିଳାଙ୍କ ସ୍ୱାମୀ ଘରେ ନ ଥିଲେ। ଏହାର ସୁଯୋଗରେ ରତ୍ନାକର ଘରେ ପଶି ମହିଳାଙ୍କୁ ଅସଦାଚରଣ କରିଥିଲେ। ଏ ସମ୍ପର୍କରେ ମହିଳା ଜଣକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୨୦୩/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।


କୁମାର ଉତ୍ସବ ଉପଲକ୍ଷେ ମଙ୍ଗଳବାର ସନ୍ଧ୍ୟାରେ ଯାଜପୁର ଜିଲା ରସୁଲପୁର ବ୍ଲକ ସଦାନନ୍ଦପୁର ଗ୍ରାମରେ ଯୁବତୀଙ୍କ ଦ୍ୱାରା ପ୍ରସ୍ତୁତ କୋଠି ।

# ପ୍ରଦୂଷଣ, ପ୍ଲାଷ୍ଟିକ୍‌ମୁକ୍ତ ପୂଜା ନିଷ୍ପତ୍ତି

## ବ୍ୟାସନଗର ସହରରେ କାଳୀପୂଜା ପାଇଁ ପ୍ରଶାସନିକ ପ୍ରସ୍ତୁତି ବୈଠକ


ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ।

**ଯାଜପୁରରୋଡ୍,୧୫।୧୦ (ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ସହରର ଗଣପର୍ବ କାଳୀପୂଜା ପାଇଁ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ କେଏନ୍‌ଡିଏ କଲ୍ୟାଣ ମଣ୍ଡପଠାରେ ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୩୧ରୁ ପୂଜା ଆରମ୍ଭ ହୋଇ ନଭେମ୍ବର ୧୦ରେ ଭସାଣି ଉତ୍ସବ ଅନୁଷ୍ଠିତ ହେବାକୁ ବୈଠକରେ ସର୍ବସମ୍ମତ ନିଷ୍ପତ୍ତି ହୋଇଛି। ବୈଠକରେ ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦ ଅଧ୍ୟକ୍ଷତା କରିଥିଲେ। ଚଳିତବର୍ଷ ପୂଜାକୁ ସରସ ସୁନ୍ଦର କରିବା ସହ ପ୍ରଦୂଷଣ ଓ ପ୍ଲାଷ୍ଟିକ ମୁକ୍ତ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ପୂଜା ମଣ୍ଡପଗୁଡ଼ିକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସଙ୍ଗେସଙ୍ଗେ ସୁରକ୍ଷା ଦୃଷ୍ଟିରୁ ସିସିଟିଭି ବ୍ୟବସ୍ଥା, ଅଗ୍ନି ନିରୋଧ ପ୍ରତି ଧ୍ୟାନ ଦେବାକୁ ପ୍ରଶାନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ପୌର ପରିଷଦ ଓ ପୂର୍ତ୍ତ ବିଭାଗକୁ ରାସ୍ତା ମରାମତି, ସହରର ଷ୍ଟ୍ରିଟ ଲାଇଟ, ମୁକୁଳା ଡ୍ରେନଗୁଡିକ ଉପରେ ସ୍ଲାବ ପକାଇବା, ରାସ୍ତାରେ ପାଣି ସିଞ୍ଚନ, ୨୪ ଘଣ୍ଟିଆ ବିଦ୍ୟୁତ୍, ପାନୀୟ ଜଳ ଯୋଗାଣ, ସହରରେ ଟ୍ରାଫିକ ନିୟନ୍ତ୍ରଣ, ପ୍ରତ୍ୟେକ ପୂଜା ପେଣ୍ଡାଲ ନିକଟରେ ସିକ୍ୟୁରିଟି ଗାର୍ଡ ମୁତୟନ ଏବଂ ପୋଲିସ ପକ୍ଷରୁ ସାଧାରଣ ଲୋକଙ୍କ ସୁରକ୍ଷା ବ୍ୟବସ୍ଥା ପ୍ରତି ନଜର ରଖିବା ଉପରେ ବିସ୍ତୃତ ଆଲୋଚନା ହୋଇଛି।

ବୈଠକରେ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଏସ୍ ଟପ୍ପୋ, ବ୍ୟାସନଗର ତହସିଲଦାର ଦେବାଶିଷ ରାଉତ, ଯାଜପୁରରୋଡ୍ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ, ଅଗ୍ନିଶମ ଅଧିକାରୀ ତାପସ କୁମାର ମନ୍ତ୍ରୀ, ୱାଟକୋ ସହକାରୀ ଯନ୍ତ୍ରୀ ବିଚିତ୍ରାନନ୍ଦ ପୁହାଣ, ଟାଟା ପାୱାର ଏସ୍‌ଡିଓ, ପ୍ରଦୂଷଣ ବୋର୍ଡ ଅଧିକାରୀ ହିମାଂଶୁ ଶେଖର ସାହୁ, ସ୍ୱାସ୍ଥ୍ୟ ନିରୀକ୍ଷକ ମାଣିକ ରଞ୍ଜନ ନାୟକ, ଅବକାରୀ ନିରୀକ୍ଷକ ଶ୍ରୀକାନ୍ତ ପଣ୍ଡା, ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ, ଶାନ୍ତିକମିଟି ଆବାହକ ବିଦ୍ୟାଧର ମହାନ୍ତି, ଚୋରଦା ମେଲଣ କମିଟି ସଭାପତି ପ୍ରମୋଦ ରାଉତ, ସମ୍ପାଦକ ଶିଶିର ରାଉତ, ୧୭ ପୂଜା କମିଟି ସଭାପତି, ସମ୍ପାଦକ ଓ କଳିଙ୍ଗନଗର ଶିଳ୍ପାଞ୍ଚଳର ସମସ୍ତ କରଖାନା ଅଧିକରୀ ଉପସ୍ଥିତ ଥିଲେ। ପ୍ରଶାସନ ପକ୍ଷରୁ ପୂଜାକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବାରେ ଜନସାଧାରଣଙ୍କୁ ସହଯୋଗ କରିବାକୁ ନିବେଦନ କରାଯାଇଥିଲା। ଶାନ୍ତି କମିଟିର ଅନ୍ୟତମ ଆବାହକ ଆଇନଜୀବୀ ବିବେକାନନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ବାଲ୍ୟବିବାହ ଏକ ସାମାଜିକ ବ୍ୟାଧି

## ଜିଲାସ୍ତରୀୟ ଶିଶୁ ପାଇଁ ଦିନଟିଏ, ତ୍ରୈୟ ମାସିକ ବୈଠକ

ଜଗତ୍‌ସିଂହପୁର, ୧୫।୧୦ (ପ୍ରମୋଦ କୁମାର ନାୟକ)

ଜିଲାସ୍ତରୀୟ ଶିଶୁ ପାଇଁ ଦିନଟିଏ ତ୍ରୟ ମାସିକ ବୈଠକ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲା ବାଲ୍ୟ ବିବାହ ନିରୋଧ ଟାସ୍କଫୋର୍ସ, ଶିଶୁ ଶ୍ରମିକ ନିରୋଧ ଟାସ୍କଫୋର୍ସ, ଜଏଣ୍ଟ ଆକ୍ସନ ପ୍ଲାନ ଅନ ପ୍ରିଭେନସନ ଅଫ ଡ୍ରଗ ଆଣ୍ଡ ସବଷ୍ଟାନସ ଆବ୍ୟୁଜ, ଅବୈଧ ଚାଲାଣ, ଶିଶୁ ମଙ୍ଗଳ ସମିତି, ଜିଲା ଶିଶୁ ସୁରକ୍ଷା ୟୁନିଟ ଏବଂ ଶିଶୁ ଯତ୍ନ ଅନୁଷ୍ଠାନ, ଚାଇଲ୍ଡ ଲାଇନ ସେବା ୧୦୯୮ର ମିଳିତ ସହଯୋଗରେ ଏହି ବୈଠକ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ରାଉତ ଶିଶୁ ଶ୍ରମିକ ପ୍ରଥା, ବାଲ୍ୟ ବିବାହକୁ ଏକ ସାମାଜିକ ବ୍ୟାଧି ରୂପେ ଅଭିହିତ କରିବା ସହ ଏହାର ନିରାକରଣ ଦିଗରେ ସମସ୍ତଙ୍କର ଦାୟିତ୍ୱ ରହିଛି ବୋଲି କହିଥିଲେ। ଏକବିଂଶ ଶତାବ୍ଦୀରେ ଉନ୍ନତି ଓ ପ୍ରଯୁକ୍ତି ବିଦ୍ୟାର ଦୁନିଆରେ ଶିଶୁ ଶ୍ରମିକ ପ୍ରଥା ଏକ ଘୃଣ୍ୟ ତଥା ଦୁଃଖ ଓ ପରିତାପର ବିଷୟ ବୋଲି ସେ କହିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ ସମାଜର


ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଏବଂ ଅନ୍ୟମାନେ।

ପ୍ରତ୍ୟେକ ବ୍ୟକ୍ତି ଏଥିପ୍ରତି ସଜାଗ ହେବା ସହ ବିଭାଗୀୟ ଅଧିକାରୀମାନେ ଏଥିପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ସମୟ ବ୍ୟବଧାନରେ ଅଚାନକ ପରିଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ୧୪ ବର୍ଷରୁ କମ୍ ଶିଶୁମାନଙ୍କୁ ଶ୍ରମିକ ଭାବେ ନିୟୋଜନ ଏକ ଆଇନତଃ ଦଣ୍ଡନୀୟ ଅପରାଧ ଏବଂ ଏଥିପାଇଁ ଶିଶୁ ଶ୍ରମିକ (ନିଷେଧ ଓ ନିୟନ୍ତ୍ରଣ) ଅଧିନିୟମ-୧୯୮୬ର ଧାରା ୩ ଅନୁସାରେ ଶିଶୁମାନଙ୍କୁ ୧୮ଟି ବୃତ୍ତି ତଥା ୬୫ଟି ପ୍ରକ୍ରିୟାରେ ନିୟୋଜିତ କରିବା ସମ୍ପୂର୍ଣ୍ଣ ବାରଣ କରାଯାଇଛି। ବୈଠକରେ କିଶୋର ନ୍ୟାୟ ଅଧିନିୟମ ୨୦୧୫, ଶିଶୁ ଯୌନ ଶୋଷଣ ସୁରକ୍ଷା ଅଧିନିୟମ ୨୦୧୨, ମିଶନ ବାତ୍ସଲ୍ୟ, ପୋଷ୍ୟ ସନ୍ତାନ ଗ୍ରହଣ ତଥା ଶିଶୁ ସୁରକ୍ଷା ନିମନ୍ତେ ତୃଣମୂଳସ୍ତରରେ ବିଭିନ୍ନ ଗ୍ରାଣ୍ଟ ଓ ଏହାର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିଥିଲେ। ସେହିପରି ବିଦ୍ୟାଳୟ ପରିସରର ୧୦୦ ଗଜ ଦୂରତା ମଧ୍ୟରେ କୌଣସି ନିଶା ଦ୍ରବ୍ୟ ବିକ୍ରୟ ଏକ ଦଣ୍ଡନୀୟ ଅପରାଧ ଏବଂ ଏଥିପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅତିରିକ୍ତ ଜିଲାପାଳ ରାଉତ ଜିଲା ଶିକ୍ଷା ଅଧିକାରୀ ଓ ଅବକାରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟାଳୟଗୁଡ଼ିକରେ ପ୍ରହରୀ ସଚେତନତା କ୍ଲବ ଖୋଲିବା, ଔଷଧ ଦୋକାନରେ ସିସିଟିଭି ଲଗାଇବା, ବିଭିନ୍ନ ପୋଷ୍ଟର ମାଧ୍ୟମରେ ସଚେତନତା ସୃଷ୍ଟି କରିବା ଦିଗରେ ଗୁରୁତ୍ୱ ଦେଇଥିଲେ। ଅନ୍ୟପକ୍ଷେ ବଜାର କମିଟି ସମ୍ପାଦକଙ୍କୁ କୌଣସି ଦୋକାନରେ ୧୪ବର୍ଷରୁ କମ୍ ଶିଶୁ ଶ୍ରମିକ ନିୟୋଜିତ ନ କରିବା ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ପଞ୍ଚାୟତସ୍ତରରେ ମଧ୍ୟ ଏହି କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ ଦେଇ ସମାଜକୁ ଶିଶୁ ଶ୍ରମିକ, ଅବୈଧ ଚାଲାଣ ମୁକ୍ତ ଏବଂ ବାଲ୍ୟ ବିବାହ ମୁକ୍ତ କରିବାକୁ ଅତିରିକ୍ତ ଜିଲାପାଳ ମତ ଦେଇଥିଲେ। ଏହାଛଡ଼ା ବୈଠକରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁଚରଣ ରାଉତ ଶିଶୁ ସୁରକ୍ଷା ବିଭାଗର ବ୍ୟବସ୍ଥା ବିଷୟରେ ସୂଚନା ଦେଇଥିଲେ। ବିଭିନ୍ନ ଶିଶୁ ସୁରକ୍ଷା ଓ ଶିଶୁ ମଙ୍ଗଳ କାର୍ଯ୍ୟାଳୟରେ ଥିବା ଶିଶୁମାନଙ୍କୁ ଶିକ୍ଷାର ସମସ୍ତ ବ୍ୟବସ୍ଥା ସହ ମନୋରଞ୍ଜନ କାର୍ଯ୍ୟକ୍ରମ, ଭୋକେସନାଲ ଟ୍ରେନିଂ, କୋ କରିକୁଲାର କାର୍ଯ୍ୟକ୍ରମ, ୱାର୍କସପ ଆୟୋଜନ କରିବାକୁ ପରାମର୍ଶ ଦିଆଯାଇଥିଲା। ବିଦ୍ୟାଳୟରୁ ଡ୍ରପ୍‌ଆଉଟ୍ ଚିହ୍ନଟ, ଉଚ୍ଚ ଶିକ୍ଷା ପାଇଁ ଗ୍ରୀନ ପ୍ୟାସେଜ, ଅଦ୍ଵିକ୍ ଆପ, ବିଦ୍ୟାଳୟରେ ପ୍ରହରୀ କ୍ଲବ ଇତ୍ୟାଦି ବିଭିନ୍ନ ଦିଗ ଉପରେ ଅତିରିକ୍ତ ଜିଲାପାଳ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏହି ବୈଠକରେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷା ଶକୁନ୍ତଳା ଚୌଧୁରୀ, କିଶୋର ନ୍ୟାୟ ପରିଷଦର କର୍ମକର୍ତ୍ତା, ଜିଲା ମଙ୍ଗଳ ଅଧିକାରୀ, ଲେବର ଅଫସର, ଜିଲାର ସମସ୍ତ ସିଡିପିଓ, ପୋଲିସ ବିଭାଗ ଓ ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା, କିଶୋର ନ୍ୟାୟ ପରିଷଦର ସଦସ୍ୟ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।

# ଯୁବକମାନେ ହିଁ ଦେଶର ମେରୁଦଣ୍ଡ


ଉଦ୍‌ଘାଟନ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

## ଫ୍ରେଣ୍ଡ୍ସ କ୍ଲବର ନୂତନ ଗୃହ ଉଦ୍‌ଘାଟନ ଉତ୍ସବ

ଏରସମା, ୧୫।୧୦ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ଫ୍ରେଣ୍ଡ୍ସ କ୍ଲବର ନୂତନ ଗୃହ ଉଦ୍‌ଘାଟନ ଉତ୍ସବ ସୋମବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ଯୁବକମାନେ ହିଁ ଦେଶର ମେରୁଦଣ୍ଡ, ସେମାନଙ୍କ ଦ୍ୱାରା ସାମାଜିକ ସଂସ୍କାର ସମ୍ଭବ ହୋଇପାରିବ ବୋଲି କହିଥିଲେ। କ୍ଲବର ସଭାପତି ସଞ୍ଜୟ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଜିଲା ପରିଷଦ ସଭ୍ୟ ପୀତବାସ ଗୋଚ୍ଛାୟତ, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ସମିତି ସଭ୍ୟା ଦେବଯାନୀ ସେଠୀ, ସ୍ଥାନୀୟ ସରପଞ୍ଚ ସଚ୍ଚିଦାନନ୍ଦ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ରହି କ୍ଲବର ଆଦର୍ଶ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦକ ତପନ କୁମାର ବେହେରା ସ୍ୱାଗତ ଭାଷଣ, ଉପସଭାପତି ଅନ୍ତର୍ଯାମୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ସରୋଜ କୁମାର ବେହେରା ବାର୍ଷିକ ବିବରଣୀ ଓ ଦାବିପତ୍ର ପାଠ କରିଥିଲେ। ଅଲେଖ କୁମାର ମଲ୍ଲିକ, ଚିନ୍ମୟ ଚିରସୁନ୍ଦର ଦାସ, ସୁବ୍ରତ ଦାସ, ପ୍ରବୀର ପଣ୍ଡା, ଦେବୀ ପ୍ରସାଦ ରାଉତରାୟ, ସାଗର ବେଉରା, ଜେନାମଣି ରଶ୍ମି ରଞ୍ଜନ, ହରେକୃଷ୍ଣ ଜେନା, କେଦାର ମଲ୍ଲିକ, ଅରବିନ୍ଦ ଦାସ, କିଶୋର ପଣ୍ଡା, ତୁଷାର ନାୟକ ପ୍ରମୁଖ କ୍ଲବର କର୍ମକର୍ତ୍ତା ଏଥିରେ ଉପସ୍ଥିତ ରହି ପରିଚାଳନା କରିଥିଲେ। ଶେଷରେ ବୈଷ୍ଣବ ଚରଣ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ଅହଂକାର ବର୍ଜନ କରିବାର ଉତ୍ସବ ହେଉଛି ରାବଣପୋଡ଼ି

ଏରସମା, ୧୫।୧୦ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ଆଞ୍ଚଳିକ ଯୁବ ପରିଷଦ ପଡ଼ିଆରେ ରାବଣ ପୋଡି ଓ ଆତସବାଜି ପ୍ରତିଯୋଗିତା ସୋମବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଦୀପ୍ତିରଞ୍ଜନ କୁଅଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ହୋଇ କହିଥିଲେ, ଏହା ମନୋରଞ୍ଜନ ସହ ଏକ ଆତ୍ମ ସମୀକ୍ଷାର ଉତ୍ସବ। ନିଜ ଭିତର ଅହଂକାରକୁ ବର୍ଜନ କରିବା ହେଉଛି ଏହି ଉତ୍ସବର ତାତ୍ପର୍ଯ୍ୟ। ଏନେଇ ଆମ ସମସ୍ତଙ୍କୁ ଶପଥ ନେବା ଉଚିତ। ଏଥିରେ ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ଜଗତ୍‌ସିଂହପୁର ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ଜିଲା ପରିଷଦ ସଭ୍ୟ ପୀତବାସ ଗୋଚ୍ଛାୟତ, ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ପାର୍ଥସାରଥୀ ରାଉତ, ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଏରସମା ସମିତି ସଭ୍ୟା ଦେବଯାନୀ ସେଠୀ, ସରପଞ୍ଚ ସଚ୍ଚିଦାନନ୍ଦ ଦାସ, ଜେଏସ୍‌ଡବ୍ଲ୍ୟୁ କାର୍ଯ୍ୟକର୍ତ୍ତା ମିତ୍ରଭାନୁ ଚୌଧୁରୀ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ହୋଇ ରାବଣ ପୋଡି ଉତ୍ସବର ତାତ୍ପର୍ଯ୍ୟ ଉପରେ ବକ୍ତବ୍ୟ ଦେଇଥିଲେ। ବିଜେଡି ଏରସମା ବ୍ଲକ ଉପସଭାପତି ବିଜୟ ପାଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଧାୟକ ଜେନା ରାବଣ ପ୍ରତିମୂର୍ତ୍ତିରେ ଅଗ୍ନିସଂଯୋଗ କରିଥିଲେ। ଶେଷରେ ଆତସବାଜି ପ୍ରତିଯୋଗିତାର ବିଜୟୀ ପ୍ରତିଯୋଗୀ ରାମଚନ୍ଦ୍ର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ନଭେମ୍ବର ୧୪ରୁ କଳିଙ୍ଗ ବାଲିଯାତ୍ରା ମହୋତ୍ସବ


ବୈଠକରେ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ଜିଲାପାଳ ଜେ.ସୋନାଲ ଓ ଅନ୍ୟମାନେ।

ପାରାଦୀପ, ୧୫।୧୦ (ଶରତ ରାଉତ)

ପାରାଦୀପର ଅନ୍ୟତମ ଗଣପର୍ବ କଳିଙ୍ଗ ବାଲିଯାତ୍ରା ମହୋତ୍ସବ ନଭେମ୍ବର ୧୪ରୁ ଆରମ୍ଭ ହୋଇ ୮ ଦିନ ଧରି ଚାଲିବ। ଚଳିତ ବର୍ଷ ନୂଆ ସରକାର ଆସିବା ପରେ ଏହାର କଳେବର ବୃଦ୍ଧି ପାଇବ ବୋଲି ସ୍ଥାନୀୟ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଛନ୍ତି। ଏ ନେଇ ପାରାଦୀପ ମଧୁବନ ଅଫିସର୍ସ କ୍ଲବ ପରିସରରେ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜଗତସିଂହପୁର ଜିଲାପାଳ ତଥା ବାଲିଯାତ୍ରା କମିଟି ଅଧ୍ୟକ୍ଷ ଜେ.ସୋନାଲ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ମନ୍ତ୍ରୀ ସ୍ୱାଇଁଙ୍କ ସମେତ ଏମ୍‌ପି ବିଭୁପ୍ରସାଦ ତରାଇ, ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା, ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା ଓ ଅନ୍ୟ ବିଭାଗୀୟ ଅଧିକାରୀ, ଶିଳ୍ପ ଅଧିକାରୀ, ପାରାଦୀପ ବନ୍ଦର ଅଫିସର, କମିଟି ସଦସ୍ୟାସଦସ୍ୟମାନେ ଉପସ୍ଥିତ ଥିଲେ। ବୈଠକ ପ୍ରାରମ୍ଭରେ ଅତିରିକ୍ତ ଜିଲାପାଳ ବେହେରା କହିଥିଲେ, ଗତବର୍ଷ ବାଲିଯାତ୍ରା ପାଇଁ ପ୍ରଶାସନ ୭୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଛି। କିନ୍ତୁ କୌଣସି ଆୟବ୍ୟୟ ରିପୋର୍ଟ ସଦସ୍ୟମାନଙ୍କୁ ଦେଇ ନ ଥିଲା। ଆଲୋଚନା ସମୟରେ ମନ୍ତ୍ରୀ ସ୍ୱାଇଁ ବିଗତ ବର୍ଷଗୁଡ଼ିକରେ ହୋଇଥିବା ତ୍ରୁଟି ଯେପରି ନହେବ ପ୍ରଶାସନ ସେଥିପ୍ରତି ଯତ୍ନବାନ ହେବା ଆବଶ୍ୟକ ବୋଲି କହିଥିଲେ। ରାଜ୍ୟର ସବୁ ଜିଲାର ପ୍ରସିଦ୍ଧ ଖାଦ୍ୟ ସାମଗ୍ରୀ, ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକୁ ଏଥିରେ ସାମିଲ କରାଯିବ। ଏହାସହିତ ଅଧିକ ଆକର୍ଷଣୀୟ କରିବା ପାଇଁ ବଲିଉଡ କଳାକାର ଆଣିବା ପାଇଁ ଯୋଜନା ରହିଛି। ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ କେନ୍ଦ୍ର ମନ୍ତ୍ରୀ ଆସିବାର ପ୍ରସ୍ତାବ ରହିଛି। ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ କରିବା ପାଇଁ ପୂର୍ବ ବାଲିଯାତ୍ରା କମିଟିର ସଦସ୍ୟ ସହ ଆଉ କିଛି ନୂଆ ସଦସ୍ୟ ସାମିଲ କରାଯିବ। ଏମ୍‌ପି ତରାଇ କହିଥିଲେ, ଦଳୀୟ ରାଜନୀତିଠାରୁ ଊର୍ଦ୍ଧ୍ୱରେ ରହି ସମସ୍ତେ ଏହି ମହୋତ୍ସବକୁ ସୁରୁଖୁରୁରେ କରିବା ପାଇଁ ଉଦ୍ୟମ କରିବା ଆବଶ୍ୟକ। କାରଣ ଏହା ରାଜ୍ୟର ଦ୍ୱିତୀୟ ବଡ଼ ବାଲିଯାତ୍ରା। ଉକ୍ତ ବୈଠକରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ଅନୁପସ୍ଥିତି ଦେଖିବାକୁ ମିଳିଥିଲା। ତାଙ୍କ ପରିବାର ସଦସ୍ୟଙ୍କ ପରଲୋକ ଯୋଗୁ ସେ ଉକ୍ତ ସଭାରେ ଯୋଗ ଦେଇ ନ ଥିବା ଜଣାପଡ଼ିଛି।

# ବିପଦର ବନ୍ଧୁ ହିଁ ପ୍ରକୃତ ବନ୍ଧୁ


ଡ.ଅଚ୍ୟୁତ ସାମନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଅଚ୍ୟୁତ ସାମନ୍ତଙ୍କୁ ବିଶ୍ୱରତ୍ନ ସମ୍ମାନ

ରଘୁନାଥପୁର, ୧୫।୧୦ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକର ସର୍ବପୁରାତନ ପୂର୍ଣ୍ଣଚନ୍ଦ୍ର ବିଦ୍ୟାମନ୍ଦିରରେ କିଟ୍, କିସ୍ ଓ କିମ୍ସର ପ୍ରତିଷ୍ଠାତା ଡ.ଅଚ୍ୟୁତ ସାମନ୍ତଙ୍କୁ 'ବିଶ୍ୱରତ୍ନ ସମ୍ମାନରେ' ସମ୍ମାନିତ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ସତ୍ୟବାଦୀ ଶିକ୍ଷାସେତୁର ସଭାପତି ତଥା ସଂସ୍କୃତି ଭିତ୍ତିକ ଅନୁଷ୍ଠାନ 'ଆଗାମୀ ଓଡ଼ିଶା'ର ସଭାପତି ବିଜୟ କୁମାର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଡ.ସାମନ୍ତ ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ବନ୍ଧୁତ୍ୱର ନିଦର୍ଶନ ସମ୍ପର୍କରେ ଆଲୋକପାତ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ବିପଦ ବେଳର ବନ୍ଧୁ ହିଁ ପ୍ରକୃତ ବନ୍ଧୁ ବୋଲି ମତବ୍ୟକ୍ତ କରିଥିଲେ। ୩୦ ବର୍ଷ ଧରି ସେ ସମସ୍ତ ସହପାଠୀଙ୍କ ସହ ଅଛନ୍ତି ଓ ଆଗାମୀ ଦିନରେ ମଧ୍ୟ ଥିବେ ବୋଲି ପ୍ରକାଶ କରିଥିଲେ। ଅଦ୍ୟାବଧି ୫୦ରୁ ଊର୍ଦ୍ଧ୍ୱ ସହପାଠୀ ତାଙ୍କ ସଂସ୍ଥାରେ କାର୍ଯ୍ୟ କରୁଥିବାବେଳେ ଏବଂ ୩୦ ସହପାଠୀଙ୍କ ପିଲାମାନେ ମଧ୍ୟ ଉକ୍ତସଂସ୍ଥାରେ ଚାକିରୀ କରୁଥିବା ଡ. ସାମନ୍ତ ପ୍ରକାଶ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତିଲତା ଦାଶ ସ୍ୱାଗତ ଭାଷଣ ଏବଂ ରଞ୍ଜନ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ। କିଟ୍ ଆଇନସେବା ନିର୍ଦ୍ଦେଶକ ମନୋରଞ୍ଜନ ପ୍ରଧାନ ଓ ପରିବହନ ବିଭାଗର ଦିଲୀପ କୁମାର ଜେନା, ରବୀନ୍ଦ୍ର ଜେନା, ସରିତା ସିହ୍ନା, ପୂର୍ଣ୍ଣିମା ମିଶ୍ର, ରେଣୁବାଳା ନାୟକ, ପୁଷ୍ପଲତା ମହାପାତ୍ର, ଜୟନ୍ତୀ ପାତ୍ର, ଲତିକା ନାୟକ, ବାବୁଲି ବାରିକ ଓ ଧର୍ମପଦ ମହାପାତ୍ର ପ୍ରମୁଖ ସାମିଲ ହୋଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଦୁଇ ଛାତ୍ରୀ ଶୁଭଶ୍ରୀ ବାରିକ ଓ ପ୍ରିୟଙ୍କା ପାତ୍ରଙ୍କୁ ନଗଦ ଅର୍ଥରାଶି ସହ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାଛଡ଼ା କେତେଜଣ ଖବରଦାତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

# ଭାଗପାଠ ପରିବାରରେ ଆଧ୍ୟାତ୍ମିକ ଭାବଧାରା ସୃଷ୍ଟିର ଏକ ମାଧ୍ୟମ

## ଭାଗବତ ଟୁଙ୍ଗି ପ୍ରଚାର ସମିତି ବୈଠକ

ବାଲିକୁଦା, ୧୫।୧୦ (ତାପସ ସ୍ୱାଇଁ)

ଖାଲଗାଁ ବ୍ଲକ ଖାଲଗାଁ ପଞ୍ଚାୟତର ମହାବୀର ମଠ ପରିସରରେ ଭାଗବତ ଟୁଙ୍ଗି ପ୍ରଚାର ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦିବ୍ୟକୃଷ୍ଣ ଦାସ ପୌରୋହିତ୍ୟ କରିଥିଲେ। ବାଲିକୁଦା ସଂଘ ସମ୍ପାଦକ ମାନସ ଆଚାର୍ଯ୍ୟ ବାଲିକୁଦା ଅଞ୍ଚଳରେ ଭାଗବତ ଟୁଙ୍ଗି ପ୍ରତିଷ୍ଠା ଓ ପ୍ରଚାର କିପରି ହୋଇପାରିବ ତାହା ଉପରେ ବିଭିନ୍ନ ପ୍ରସ୍ତାବ ରଖିଥିଲେ। ଜିଲା ସମ୍ପାଦକ ଅଞ୍ଜନ ବିଶ୍ୱାଳ ଭାଗବତ ଟୁଙ୍ଗିଗୁଡ଼ିକୁ ପଞ୍ଜୀକରଣ କରିବାକୁ ପ୍ରସ୍ତାବ ଦେଇଥିଲେ । ସଦସ୍ୟ ଅରୁଣ ମହାନ୍ତି କହିଥିଲେ, ଭାଗବତ ପାଠ ପରିବାରରେ ଆଧ୍ୟାତ୍ମିକ ଭାବଧାରା ସୃଷ୍ଟିର ଏକ ମାଧ୍ୟମ। ଏହା ବଞ୍ଚି ରହିବା ଆବଶ୍ୟକ। ଏନେଇ ପ୍ରଚାର ସମିତି ପ୍ରତି ଗାଁରେ ଥିବା ଘରଗୁଡ଼ିକୁ ବୁଲି ସଚେତନ କରିବ। ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଲୋକଙ୍କୁ ଜଣାଇବାକୁ ପ୍ରସ୍ତାବ ଦେଇଥିଲେ। ଏହି ଅବସରରେ ୪ ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା । ବାବଜୀ ଦିବ୍ୟକୃଷ୍ଣ ଦାସ ଭାଗବତ ଗୁରୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ବୈଠକକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଅପର୍ତ୍ତି ମହାନ୍ତି, ଈଶ୍ୱର ଚନ୍ଦ୍ର ନାୟକ, ବିଚିତ୍ରାନନ୍ଦ ସ୍ୱାଇଁ, ନେତ୍ରାନନ୍ଦ ସ୍ୱାଇଁ, ନାଗୁଚରଣ ସ୍ୱାଇଁ, ସଞ୍ଜୟ ସ୍ୱାଇଁ, ଜଗନ୍ନାଥ ଶୁକ୍ଳା, ନିର୍ମଳ ମହାନ୍ତି, ଭାଗୀରଥି ରାଉତ, ଭୋଳାନାଥ ଜେନା, ମଙ୍ଗୁଳି ମହାନ୍ତି ପ୍ରମୁଖ ଯୋଗଦେଇ ଭାବଗତ ପ୍ରଚାର ପ୍ରସାର ଉପରେ ବିଭିନ୍ନ ମତପୋଷଣ କରିଥିଲେ।

# ଅତିରିକ୍ତ ବିଦ୍ୟୁତ୍ ସିକ୍ୟୁରିଟି ଅର୍ଥ ଡିପୋଜିଟ୍ ନ କରିବାକୁ ଦାବି

ନାଉଗାଁ, ୧୫।୧୦ (ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ଡିଭିଜନର ବିଦ୍ୟୁତ୍ ଉପଭୋକ୍ତାମାନେ ଅତିରିକ୍ତ ବିଦ୍ୟୁତ ସିକ୍ୟୁରିଟି ଅର୍ଥ ନ ଦେବାକୁ ଦାବି କରିଛନ୍ତି। ଏନେଇ ଟାଟା ପାୱାର ନିର୍ବାହୀ ଯନ୍ତ୍ରୀଙ୍କ ନିକଟରେ ମଙ୍ଗଳବାର ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରମୋଦ କୁମାର ଦାସ, ଶକ୍ତି ପ୍ରସାଦ ଦାସ, ନିବାରଣ ବାରିକ, ଶିଶିର ଦାସଙ୍କ ସମେତ ଶତାଧିକ ଉପଭୋକ୍ତାଙ୍କ ସ୍ୱାକ୍ଷରରେ ଉକ୍ତ ଦାବିପତ୍ର ଟାଟା ପାୱାର ନାଉଗାଁ ଡିଭିଜନର ଲିଡ୍ ମ୍ୟାନେଜର ତାପସ ବେହେରାଙ୍କୁ ପ୍ରଦାନ କରାଯାଇଛି। ତାଙ୍କ ଅଭିଯୋଗ ମୁତାବକ, ଦୀର୍ଘ ବର୍ଷ ଧରି ବିଦ୍ୟୁତ ଉପଭୋକ୍ତାମାନେ ସିକ୍ୟୁରିଟି ଅର୍ଥ ଡିପୋଜିଟ କରି ବିଦ୍ୟୁତ ସଂଯୋଗ ନେଇଛନ୍ତି। ଠିକ୍ ସମୟରେ ବିଦ୍ୟୁତ ବିଲ୍ ମଧ୍ୟ ପୈଠ କରୁଛନ୍ତି। କିନ୍ତୁ ବର୍ତ୍ତମାନ ଅତିରିକ୍ତ ସିକ୍ୟୁରିଟି ଅର୍ଥ ଡିପୋଜିଟ କରିବା ପାଇଁ ଉପଭୋକ୍ତାମାନଙ୍କୁ ବାଧ୍ୟ କରାଯାଉଛି। ୧ ମାସ ମଧ୍ୟରେ ବିଦ୍ୟୁତ ବିଲ୍ ପୈଠ କରା ନ ଗଲେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିବାକୁ ଧମକ ଦିଆଯାଇଛି। ପୂର୍ବରୁ ବିଦ୍ୟୁତ ପରିଚାଳନା ଦାୟିତ୍ୱରେ ଥିବା କମ୍ପାନୀ ଉପଭୋକ୍ତାଙ୍କ ଘରେ ଲାଗିଥିବା ମିଟରକୁ ବାହାର କରି ଡିଜିଟାଲ୍ ମିଟର ଲଗାଇଥିଲେ। ଫଳରେ ଉପଭୋକ୍ତାଙ୍କୁ ପ୍ରତି ମାସରେ ୪୦ ଟଙ୍କା ଅଧିକ ବିଲ ପ୍ରଦାନ କରିବାକୁ ପଡୁଛି। ବର୍ତ୍ତମାନ ଅତିରିକ୍ତ ସିକ୍ୟୁରିଟ ଅର୍ଥ ଉପଭୋକ୍ତାଙ୍କ ଉପରେ ଏକ ପ୍ରକାର ବୋଝ ପରି ମନେ ହେଉଛି। ଏ ନେଇ ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଟାଟା ପାୱାର ଓ ରାଜ୍ୟ ସରକାରଙ୍କ ବିରୋଧରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

# ଭାରତୀୟ ହିନ୍ଦୁ ଦର୍ଶନ ବିଜ୍ଞାନ ଆଧାରିତ

## ଆର୍‌ଏସ୍‌ଏସ୍‌ର ପଥ ସଞ୍ଚଳନ

ଜଗତ୍‌ସିଂହପୁର, ୧୫।୧୦ (ପ୍ରମୋଦ କୁମାର ନାୟକ)



ଭାରତୀୟ ହିନ୍ଦୁ ଦର୍ଶନ ମଣିଷ ସମାଜ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ। କାରଣ ଏହା ପୂର୍ଣ୍ଣ ଭାବେ ବିଜ୍ଞାନ ଆଧାରିତ। ତେଣୁ ହିନ୍ଦୁ ଦର୍ଶନର ଗୁରୁତ୍ୱ ଉପଲବ୍ଧି କରି ଏହାର ଠିକ୍ ବିନିଯୋଗ କରିପାରିଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍) ପକ୍ଷରୁ ଜଗତ୍‌ସିଂହପୁର ନଗରରେ ଅନୁଷ୍ଠିତ ବିଜୟାଦଶମୀ ଉତ୍ସବ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭାବା ପରମାଣୁ ଗବେଷଣା କେନ୍ଦ୍ରର ଅବସରପ୍ରାପ୍ତ ବରିଷ୍ଠ ବୈଜ୍ଞାନିକ କିଶୋର ଚନ୍ଦ୍ର ସାହୁ ଏହା କହିଛନ୍ତି। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଆୟୋଜିତ ଉତ୍ସବରେ ସେ ଏକଥା ମଧ୍ୟ କହିଥିଲେ, ବିଗତବର୍ଷଗୁଡ଼ିକ ତୁଳନାରେ ଭାରତର ଶକ୍ତି ବହୁ ମାତ୍ରାରେ ବୃଦ୍ଧି ପାଇଛି। ବିଶେଷକରି ବିଜ୍ଞାନ, ଅର୍ଥନୀତି, ସୂଚନା ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଆମ ଦେଶ ବିଶ୍ୱର ନେତୃତ୍ୱ ବହନ କରିବାର ସାମର୍ଥ ହାସଲ କରିପାରିଛି। ଆୟୋଜିତ କାର୍ଯ୍ୟକ୍ରମରେ ଶତାଧିକ ସ୍ୱୟଂ ସେବକ ପୂର୍ଣ୍ଣ ଗଣବେଶ, ଘୋଷବାଦ୍ୟ ସହ ପଥ ସଞ୍ଚଳନରେ ସହରର ମୁଖ୍ୟ ରାସ୍ତା ଯଥା କଲେଜ ଛକ, ସାନବଜାର, ଜଇପୁର ରାସ୍ତା ଦେଇ ଟାଉନହଲ୍ ଏବଂ ସେଠାରୁ ପୁଣି ପୋଷ୍ଟ ଅଫିସ ଛକ ଓ ଜୟବଡ଼ ଅତିକ୍ରମ କରି ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ପହଞ୍ଚି ଥିଲେ। ସେଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଆର୍‌ଏସ୍‌ଏସ୍ ପ୍ରଚାର ପ୍ରମୁଖ ଅକ୍ଷୟ ପ୍ରସାଦ ବିଶ୍ୱାଳ ଯୋଗଦେଇ ହିନ୍ଦୁ ସମାଜକୁ କିପରି ସଙ୍ଗଠିତ ହୋଇ ରହିବା ଉଚିତ ତା' ଉପରେ ଗୁରୁତ୍ୱାରୋପ କରିଥିଲେ। ହିନ୍ଦୁ ସଙ୍ଗଠିତ ହେଲେ ଆମ ରାଷ୍ଟ୍ର ବିଶ୍ୱଗୁରୁ ହୋଇପାରିବ ବୋଲି ସେ ଶତାଧିକ ଲୋକଙ୍କୁ ସମ୍ବୋଧିତ କରି କହିଥିଲେ। ମଞ୍ଚରେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମ ସଞ୍ଚାଳନ ଦାୟିତ୍ୱରେ ଜିଲା କାର୍ଯ୍ୟବାହ ଜିତେନ୍ଦ୍ର ବିଶ୍ୱାଳ ଓ ନଗର କାର୍ଯ୍ୟବାହ ବାଦଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ରାଷ୍ଟ୍ର ବନ୍ଦନା ଓ ଭାରତମାତାଙ୍କ ପ୍ରାର୍ଥନା ପରେ କାର୍ଯ୍ୟକ୍ରମ ସମାପନ କରାଯାଇଥିଲା।

# ପାଠକ ସଂଖ୍ୟା ହ୍ରାସ ଯୋଗୁ ଶାରଦୀୟ ପତ୍ରିକା ପ୍ରକାଶନ କମୁଛି

ତିର୍ତ୍ତୋଲ, ୧୫।୧୦ (ଗୌରାଙ୍ଗ ଚରଣ ସ୍ୱାଇଁ)

ପୂର୍ବରୁ ପାର୍ବଣ ଅବସରରେ ବହୁ ପତ୍ରିକା ଶାରଦୀୟ ବିଶେଷାଙ୍କ ପ୍ରକାଶ କରୁଥିଲେ। ଏବେ ପାଠକ ସଂଖ୍ୟା ହ୍ରାସ ଯୋଗୁ ଶାରଦୀୟ ପତ୍ରିକା ପ୍ରକାଶନ କମିବାରେ ଲାଗିଛି ବୋଲି ବହୁ ସାହିତ୍ୟିକ ମତବ୍ୟକ୍ତ କରିଛନ୍ତି। ବାଲିଘର ସାହିତ୍ୟ ପତ୍ରିକାର ପୂଜା ସଂଖ୍ୟା ଉନ୍ମୋଚନ ଉତ୍ସବରେ ଉପରୋକ୍ତ ମତ ସହ ଭଲ ଲେଖା ପ୍ରକାଶ କଲେ ପାଠକ ଆଦୃତି ବଢିଲେ ପୁଣି ପାର୍ବଣ ଅବସରରେ ଅଧିକ ପୂଜା ସଂଖ୍ୟା ପ୍ରକାଶ ଲାଗି ଆଗ୍ରହ ବଢ଼ିବ ବୋଲି ମତ ପ୍ରକାଶ ପାଇଛି। ଜଗତ୍‌ସିଂହପୁର ଜିଲାର ସର୍ବ ପୁରାତନ ସାମାଜିକ ଓ ସାହିତ୍ୟ ଅନୁଷ୍ଠାନ ବାଲିଘର ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନ ତଥା ବାଲିଘର ଫାଉଣ୍ଡେଶନ ପକ୍ଷରୁ ଏହି ବ୍ଲକର ପ୍ରସିଦ୍ଧ ଇଦ୍ରିସିଂ ସ୍ଥିତ ମା'ଉତ୍ତରେଶ୍ୱରୀଙ୍କ ପୀଠରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଲିଘର ପୂଜା ସଂଖ୍ୟା ଉନ୍ମୋଚନ, କବିତା ପାଠୋତ୍ସବ ଓ ସାହିତ୍ୟ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ବାଲିଘର ଫାଉଣ୍ଡେଶନର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଙ୍ଗଠନ ସମ୍ପାଦକ ଅମର ଜ୍ୟୋତି ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ 'ଗ୍ରାମାଞ୍ଚଳରେ ଓଡ଼ିଆ ଭାଷା ସାହିତ୍ୟର ବିକାଶରେ ବାଲିଘର' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥିଭାବେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ନାରାୟଣ ନାୟକ, ଅନ୍ୟତମ ଅତିଥି ଭାବେ ବରିଷ୍ଠ ସାହିତ୍ୟିକ ତଥା ପୂର୍ବତନ ସରପଞ୍ଚ ବିଜୟ କୁମାର ଖଟେଇ, ପୂର୍ବତନ ଜିଲା ପରିଷଦ ବୈଷ୍ଣବ ଚରଣ ନାୟକ, ପଣ୍ଡିତ ନାଗମଣି କର, ଶିକ୍ଷାବିତ୍ ଲୋକନାଥ ବଡ଼ପଣ୍ଡା, ଶ୍ରୀକାନ୍ତ ଦାଶ, ଗୌରାଙ୍ଗ ସ୍ୱାଇଁ, କବୟିତ୍ରୀ ଗୀତା ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବହୁ ପ୍ରତିଭାବାନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଗୀତା ଦାସଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ ବଂଶୀଧର ବେହେରା, ଗଣେଶ ମହାନ୍ତି, ପ୍ରମୋଦ ଲେଙ୍କା, କୈଳାସ ଚନ୍ଦ୍ର ପ୍ରଧାନ, ମାତୃପ୍ରସାଦ ଶତ୍ରୁଜିତ୍, ଶ୍ୟାମ ସୁନ୍ଦର ବେହେରା, ହେମନ୍ତ କୁମାର ପାଳ, ଚନ୍ଦନ ଦାସ, ମନସୁର୍ ଅଲ୍ଲୀ, ମାନଗୋବିନ୍ଦ ପ୍ରଧାନ ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ପରିଶେଷରେ କବି ହୃଷିକେଶ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।


ପୁସ୍ତକ ଉନ୍ମୋଚନ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

## ବାଲିଘର ପୂଜା ସଂଖ୍ୟା ଉନ୍ମୋଚନ ଓ ସାହିତ୍ୟ ଆସର

## ସଂକ୍ଷେପରେ

### ଶ୍ରମିକଙ୍କୁ ମାଡ଼ ଅଭିଯୋଗ, ଅଭିଯୁକ୍ତଙ୍କୁ ଧରୁନି ପୋଲିସ

ଦିଗପହଣ୍ଡି,୧୫।୧୦(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ନିକଟ ଚୁଡ଼ୁଙ୍ଗପୁର- ତିତିଖଣ୍ଡି ଗ୍ରାମ ରାସ୍ତାରେ ଥିବା ଷ୍ଟୋନ କ୍ରଶର ୟୁନିଟରେ ଶ୍ରମିକ ଭାବେ କାମ କରୁଥିବା ଚୁଡଙ୍ଗପୁର ଗ୍ରାମର ପି.ମାଲେସୁ ଦୋରାଙ୍କୁ ୨ ଯୁବକ ନିସ୍ତୁକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଘଟଣାର ୩ ଦିନ ବିତିଯାଇଥିଲେ ମଧ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରୁନାହିଁ। ଅଭିଯୁକ୍ତମାନଙ୍କ ନାଁରେ ଦିଗପହଣ୍ଡି ଥାନାରେ ଏକାଧିକ ମାମଲା ରହିଛି। ଥାନା ଆଇଆଇସି ପ୍ରଶାନ୍ତ କୁମାର ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଆକ୍ରମଣର ଶିକାର ହୋଇଥିବା ମାଲେସୁଙ୍କ ଏତଲାକୁ ଭିତ୍ତିକରି ଅଭିଯୁକ୍ତମାନଙ୍କ ନାଁରେ ମାମଲା (ନଂ.୩୯୩/୨୪) ରୁଜୁ କରାଯାଇଛି। ଖୁବଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲ କହିଛନ୍ତି।

### ମା' ଶ୍ୟାମାକାଳୀ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

ବେଲଗୁଣ୍ଠା,୧୫।୧୦
(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ୍ ଗୋବରାଠାରେ କପିଳେଶ୍ୱର ଯୁବକ ସଂଘ ପକ୍ଷରୁ ମା' ଶ୍ୟାମାକାଳୀ ପୂଜା ପାଇଁ ମଙ୍ଗଳବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଆସନ୍ତା ୩୦ ତାରିଖରୁ ମା'ଙ୍କ ପୂଜା ଅନୁଷ୍ଠିତ ହେବ। ଯୁବକ ସଂଘ ସଭାପତି ସବ୍ୟସାଚୀ ନାୟକଙ୍କ ତତ୍ତ୍ୱାବଧାନରେ ସମ୍ପାଦକ ସୁଶାନ୍ତ ଜେନା, କୋଷାଧ୍ୟକ୍ଷ ସୁଶାନ୍ତ ରଣାଙ୍କ ସହ ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ। କୈଳାସ ଚନ୍ଦ୍ର ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଭବାନୀ ଶଙ୍କର ତ୍ରିପାଠୀ ପୁରୋହିତ ଦାୟିତ୍ୱ ତୁଲାଇଥିଲେ।

### ସଡ଼କ ସୁରକ୍ଷା ସଚେତନତା

ଫିରିଙ୍ଗିଆ,୧୫।୧୦(ବିମଳ ଦିଗାଲ)

ଫିରିଙ୍ଗିଆ ବ୍ଲକରେ ମଙ୍ଗଳବାର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କନ୍ଧମାଳ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏହି ସଚେତନ କାର୍ଯ୍ୟକ୍ରମ ଆରମ୍ଭ ହେଇଛି। ଏଥିରେ ଭୁବେନେଶ୍ୱର ଇଆଇସିର ଚକ୍ରଧର ମହାରଣା ଯୋଗ ଦେଇ ଲୋକଙ୍କୁ ଫୁଲତୋଡ଼ା ଦେଇ ସଡ଼କ ସୁରକ୍ଷା ଉପରେ ବୁଝାଇଥିଲେ। ସେହିପରି ଗାଡ଼ିଗୁଡିକୁ ଅଟକାଇ ଡ୍ରାଇଭରଙ୍କୁ ମଧ ଟ୍ରାଫିକ୍ ନିୟମ ମାନିବାକୁ ବୁଝାଇଥିଲେ। ବାଇକ ଚଲାଇବା ସମୟରେ ହେଲମେଟ ପିନ୍ଧିବା, ବଡ଼ ଗାଡି ଚଳାଇବା ବେଳେ ସେଫଟି ବେଲ୍ଟ ଲଗାଇବାକୁ ଚାଳକମାନଙ୍କୁ କହିଥିଲେ । କାର୍ଯ୍ୟକ୍ରମରେ ଫିରିଙ୍ଗିଆ ଥାନା ଅଧିକାରୀ ଗୋପୀନାଥ ପ୍ରଧାନ, ଆଇଆରବି ଯବାନ ସାହାଯ୍ୟ କରିଥିଲେ।

### କଲେଜ ଛାତ୍ରୀ ନିଖୋଜ, ଏତଲା ଦେଲେ ବାପା

ଦିଗପହଣ୍ଡି,୧୫।୧୦(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଥାନା ଅତର୍ଗତ ଏକ ଗ୍ରାମର ଜଣେ କଲେଜ ଛାତ୍ରୀ ନିଖୋଜ ଅଛନ୍ତି। ଏ ନେଇ ତାଙ୍କ ବାପା ଥାନାରେ ଏତଲା ଦେଇଛନ୍ତି। ଆଇଆଇସି ପ୍ରଶାନ୍ତ କୁମାର ପାତ୍ର ଏକ ମାମଲା (ନଂ.୩୯/୨୪) ପଞ୍ଜିକୃତ କରି ତଦନ୍ତ ଚଳାଇଛନ୍ତି। ୮ ଦିନ ପୂର୍ବେ ଛାତ୍ରୀ ଜଣକ ଗାଁରୁ ନିଖୋଜ ହୋଇଯାଇଛନ୍ତି। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ମଧ ତାଙ୍କ ସନ୍ଧାନ ମିଳି ନ ଥିଲା। ଏ ନେଇ ଏତଲା ପରେ ତଦନ୍ତକାରୀ ଅଧିକାରୀ ଏଏସଆଇ ଝୁନୁ ମାଝୀ ପରିବାର ଲୋକଙ୍କ ସୂଚନା ପ୍ରକାରେ ବିଭିନ୍ନ ସନ୍ଦିଗ୍ଧ ସ୍ଥାନରେ ଚଡାଉ କରିଥିଲେ ମଧ ଛାତ୍ରୀଙ୍କ ପତ୍ତା ମିଳିପାରିନାହିଁ।

# ଗଞ୍ଜେଇ ଧରିବା ଆଳରେ ଦାଦାଗିରି

## ରାସ୍ତାରେ ଲୋକଙ୍କୁ ଭୟଭୀତ କରୁଛନ୍ତି ଅବକାରୀ କର୍ମଚାରୀ

ଦାରିଙ୍ଗବାଡି, ୧୫।୧୦(ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡି ହେଉଛି ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳି। ଏବେ ଦୈନିକ ଏଠାକୁ ଶତାଧିକ ପର୍ଯ୍ୟଟକ ଯାତାୟାତ କରୁଛନ୍ତି। ତେବେ ଦାରିଙ୍ଗବାଡିଠାରୁ ସୋରଡ଼ା ମଧରେ ପ୍ରାୟ ୨୦ କି.ମି. ଜଙ୍ଗଲ ଓ ଘାଟି ରହିଛି। ଏହି ଘାଟି ରାସ୍ତାରେ ବାଲିଗୁଡା ଓ ଦାରିଙ୍ଗବାଡି ଅବକାରୀ ବିଭାଗ ପକ୍ଷରୁ ଗଞ୍ଜେଇ ଧରିବା ଆଳରେ ପର୍ଯ୍ୟଟକ ଓ ଯାତ୍ରୀମାନେ ଯାତାୟାତ ବେଳେ ଜଙ୍ଗଲରେ ଲୁଚି ରହିଥିବା ଅବକାରୀ ବିଭାଗର ଗାଡି ହଠାତ ରାସ୍ତା ଉପରକୁ ମାଡିଆସି ଗାଡିକୁ ଆଡୁଆ ରଖି ଦେଉଛନ୍ତି। ଫଳରେ ଯାତାୟାତ କରୁଥିବା ପର୍ଯ୍ୟଟକମାନେ ଭୟଭୀତ ହେଉଛନ୍ତି। ମଙ୍ଗଳବାର ଭୋର ସମୟରେ ରାଜପଥର ବାଇମାଲା ନିକଟରେ ଏପରି ଦେଖିବାକୁ ମିଳିଛି।

ଅନ୍ୟପକ୍ଷରେ ଅବକାରୀ ବିଭାଗ ଏଭଳି ଯାଞ୍ଚ କରୁଥିବା ସ୍ଥାନଠାରୁ ମାତ୍ର ୧ ଶହ ମିଟର ଦୂରରେ ଯାଞ୍ଚ ପାଇଁ ବନ ବିଭାଗର ଏକ ଚେକ୍ ଗେଟ ରହିଛି। ଅବକାରୀ ବିଭାଗ ବନ ବିଭାଗର ସହାୟତାରେ ଉକ୍ତ ଚେକ ଗେଟ୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ସନ୍ଦେହ କରୁଥିବା ଗାଡିମୋଟର ଯାଞ୍ଚ କରିପାରନ୍ତା। ତାହା ନ କରି ଯାତ୍ରୀ ଯାତାୟତ ସମୟରେ ନିଜ ସରକାରୀ ଗାଡିକୁ ହଠାତ ଯାତ୍ରୀଙ୍କ ଗାଡି ସାମନାକୁ ଆଣି ଅଟକାଇବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ରାସ୍ତାରେ ପ୍ରସୂତି, ଗୁରୁତର ରୋଗୀ ବ୍ରହ୍ମପୁରକୁ ଯାତାୟାତ କରୁଥିବା ସମୟରେ ସେମାନେ ମଧ ଅବକାରୀ ବିଭାଗର ଏଭଳି କାର୍ଯ୍ୟର ଶିକାର ହୋଇ ବିଳମ୍ବରେ ଡାକ୍ତରଖାନାରେ ପହଞ୍ଚୁଥିବା ଅଭିଯୋଗ ହେଉଛି। ଏସମ୍ପର୍କରେ ଅବକାରୀ ଓଆଇସି ପ୍ରକାଶ ଚନ୍ଦ୍ର ମଲିକଙ୍କୁ ପଚାରିବାରୁ ସେ କହିଲେ, ଯଦି ସରକାରୀ ଗାଡି ରଖି ଏଭଳି ରାସ୍ତାରେ ଅଟକାଇବୁ ନାହିଁ ତେବେ ଗଞ୍ଜେଇ ଚୋରା ଚାଲାଣ କରୁଥିବା ବ୍ୟବସାୟୀ ଆମକୁ ଗାଡି ସହ ଚାପିଦେଇ ପଳାଇବେ ବୋଲି କହିଛନ୍ତି। ଗଞ୍ଜେଇ ଧରପଗଡ ଆଳରେ ସବୁ ଗାଡିକୁ ଅଟକାଇ ଯାତ୍ରୀ ଓ ପର୍ଯ୍ୟଟକଙ୍କୁ ହଇରାଣ କରିବା କେତେ ଦୂର ଯଥାର୍ଥ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଭାଗର ବାଲିଗୁଡା ଆଇଆଇସି ରାମଜୀ ପଟେଲଙ୍କୁ ପଚାରିବାରୁ ସେ କହିଲେ, ଏଭଳି ଗାଡି ଅଟକାଇବା କୌଣସି ଗାଇଡଲାଇନ ନାହିଁ। ତେବେ କେବଳ ଗଞ୍ଜେଇ ବ୍ୟବସାୟୀଙ୍କୁ ଧରିବାକୁ ଆମେ ଏଭଳି ସରକାରୀ ଗାଡି ରାଜରାସ୍ତାରେ ଆଡୁଆ ଭାବେ ରଖି ଅଟକାଉଛୁ। ମାତ୍ର ପର୍ଯ୍ୟଟକ କିମ୍ବା ଯାତ୍ରୀବାହି ଗାଡ଼ି ହୋଇଥିଲେ ସଙ୍ଗେସଙ୍ଗେ ଛାଡି ଦେଉଛୁ।


ଅବକାରୀ ବିଭାଗ କର୍ମଚାରୀ ରାସ୍ତା ଉପରେ ରାସ୍ତା ବନ୍ଦ କରି ରଖିଥିବା ଗାଡି।

# ମଦ କାରବାରରେ ରୋକ ଲାଗୁନି


ଗିରଫ ଅଭିଯୁକ୍ତ ଓ ଜବତ ମଦ।

ଚିକିଟି,୧୫।୧୦(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ ଅନ୍ତର୍ଗତ ମାଧବନ୍ଦ ଗ୍ରାମରେ ମଙ୍ଗଳବାର ଚିକିଟି ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ପରିମାଣର ମଦ ଜବତ କରାଯିବା ସହ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଚକ୍ରପାଣି ସାହୁ (୪୬)। ତାଙ୍କୁ ପାତ୍ରପୁର କୋର୍ଟ ଚାଲାଣ କରାଯାଇଛି। ଗ୍ରାମରୁ ୮୧.୫୦୦ ଲିଟର ବିୟର ଓ ୩୦ ଲିଟର ମଦ ଜବତ ହୋଇଛି। ତେବେ ଦୀର୍ଘଦିନ ଧରି ଏଭଳି ବେଆଇନ ଭାବେ ମଦକାରବାର ଚାଲୁଥିଲେ ମଧ ଅବକାରୀ ବିଭାଗ କାହିଁକି ଜାଣିପାରୁ ନ ଥିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଗତ କିଛିଦିନ ତଳେ ଚିକିଟ ଏନ୍‌ଏସି ଅନ୍ତର୍ଗତ ମାଉନ୍ଦପୁର ଗ୍ରାମରେ ବିଷାକ୍ତ ମଦପିଇ ଜେନାପୁର ଓ କରବାଲୁଆ ଗ୍ରାମର ୫ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହା ସତ୍ତ୍ୱେ ବି ଚିକିଟି ଅଞ୍ଚଳରେ ଗାଁ ଗହଳିରେ ବେଧଡକ ଦେଶୀ ଓ ବିଦେଶୀ ମଦ ବିକ୍ରି ଚାଲିଛି। ଅବକାରୀ ଏବଂ ପୋଲିସ ପକ୍ଷରୁ ନିୟମିତ ଧରପଗଡ଼ କରାଯାଉନାହିଁ। ଅବକାରୀ ଓ ପୋଲିସ ବିଭାଗ ବଟି ନେଇ ଚୋରା ମଦ ବ୍ୟବସାୟୀଙ୍କୁ ଧରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହେଉଛି। ଏଭଳି ଚାଲିଲେ ପୁଣି ମଦମୃତ୍ୟୁର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ।

### ଦାୟିତ୍ୱ ଗ୍ରହଣ ପରେ ବିଡିଓଙ୍କ ଗଗଡବାଡ଼ି ପରିଦର୍ଶନ

ଖଜୁରିପଡ଼ା ୧୫।୧୦ ( ବିଦୁର ବେହେରା)

ଖଜୁରିପଡ଼ା ବିଡିଓ ଜର୍ଜ ଡୁଙ୍ଗୁଡୁଙ୍ଗ ଝାରସୁଗୁଡ଼ା ଲଇକେରାକୁ ବଦଳି ହୋଇଯିବା ପରେ ଖଜୁରିପଡ଼ା ବିଡିଓଙ୍କ ଦାୟିତ୍ୱ ତହସିଲଦାର ସୌମ୍ୟରଞ୍ଜନ ପାତ୍ର ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ ପରେ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱ ଦେବେ ବୋଲି ସେ କହିଛନ୍ତି। ପରେ ସେ ବଲସକୁମ୍ପା ପଞ୍ଚାୟତର ଗଗଡ଼ବାଡ଼ି ମଠ ଗସ୍ତ କରିଥିଲେ। ମଠରେ ପହଞ୍ଚିବା ପରେ ଗ୍ରାମବାସୀ ବିଡିଓଙ୍କୁ ସ୍ୱାଗତ ଜଣାଇବା ସହ ମଠର ଉନ୍ନତୀକରଣ ପାଇଁ ଗ୍ରାମବାସୀ ବିଡିଓଙ୍କୁ ଜଣାଇଥିଲେ। ପରିଦର୍ଶନ ବେଳେ ଗ୍ରାମବାସୀଙ୍କ ସହ ରାଜସ୍ୱ ନିରୀକ୍ଷକ ସବିତା ନାୟକ, ଜୟନ୍ତ ସାହୁ, ମା'ବରାଳ ଦେବୀ ମନ୍ଦିର ପରିଚାଳନା ପରିଷଦ ସଭାପତି ଚିତ୍ତରଞ୍ଜନ ପ୍ରଧାନ, ସମ୍ପାଦକ ସଞ୍ଜୟ କହଁର, ସରପଞ୍ଚ ଉମା ଚରଣ ମଲ୍ଲିକ, ସଞ୍ଜୀବ ଲୋଚନ ପ୍ରଧାନ, ସାମାଜିକ କର୍ମୀ ଗୌର ଚରଣ ବେହେରା, ବିଦୁର ବେହେରା ଉପସ୍ଥିତ ଥିଲେ।

# ଗଜଲକ୍ଷ୍ମୀ ପୂଜା ଲାଗି କଳସ ଯାତ୍ରା

ଆସିକା,୧୫।୧୦(ସୁରେନ୍ଦ୍ର ନାଥ ସାହୁ):

ଆସିକା ଏନ୍‌ଏସିର ତାଲୁକା ଛକ ଠାରେ ବୁଧବାର କୁମାର ପୂର୍ଣ୍ଣିମାଠାରୁ ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବ ପାଳନ କରାଯିବ । ସୋମବାର ଏଥିଲାଗି ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା ବେଳେ ମଙ୍ଗଳବାର ସନ୍ଧ୍ୟାରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । ମହିଳାମାନେ ଋଷିକୂଲ୍ୟା ନଦୀରେ ପୂଜାର୍ଚ୍ଚନା ପରେ ଜଳକଳସ ଆଣି ମା'ଙ୍କ ଅସ୍ଥାୟୀ ପୀଠରେ ପହଞ୍ଚିଥିଲେ । ସେଠାରେ ବୁଧବାରଠାରୁ ୩ଦିନ ଧରି ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା କରାଯିବ। ତାଲୁକା ଛକ ବ୍ୟବସାୟୀ ସଂଘ ଓ ଅଟୋ ଚାଳକ ସଂଘର ସହଯୋଗରେ ଛକ ବାସିନ୍ଦାଙ୍କ ପକ୍ଷରୁ ଏହି ପୂଜାର ଆୟୋଜନ କରାଯାଉଛି।

### ଖେଳ କିଟ୍ ପ୍ରଦାନ ପାଇଁ ପ୍ରଶାସନକୁ ସ୍ମାରକପତ୍ର

**ଗଞ୍ଜାମ ହ୍ୱିଲ୍ ଚେୟାର କ୍ରିକେଟ ଆସୋସିଏଶନ**

ଛତ୍ରପୁର,୧୫।୧୦(ଦିଲୀପ ସାମଲ)

ଗଞ୍ଜାମ ହ୍ୱିଲ ଚେୟାର କ୍ରିକେଟ ଆସୋସିଏଶନ ପକ୍ଷରୁ ଆସୋସିଏଶନର ଖେଳାଳିମାନଙ୍କୁ ଖେଳ କିଟ୍, ପୋଷାକ ଓ ଯାତାୟାତ ଖର୍ଚ୍ଚ ପ୍ରଦାନ ଲାଗି ଏକ ସ୍ମାରକପତ୍ର ମଙ୍ଗଳବାର ଗଞ୍ଜାମ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି । ଗତ ୨୦୧୮ରୁ ଗଞ୍ଜାମ ଜିଲାର କେତେ ଜଣ ଦିବ୍ୟାଙ୍ଗ ଗଞ୍ଜାମ ହ୍ୱିଲ ଚେୟାର କ୍ରିକେଟ ଆସୋସିଏଶନ ଗଠନ କରି ଜିଲା ଏବଂ ରାଜ୍ୟର ବିଭିନ୍ନ ସ୍ଥାନରେ କ୍ରିକେଟ ଖେଳି କୃତକାର୍ଯ୍ୟ ହୋଇଛନ୍ତି । ଚଳିତ ଅକ୍ଟୋବରରେ କନ୍ଧମାଳ ଜିଲାରେ ରାଜ୍ୟସ୍ତରୀୟ ହ୍ୱିଲ ଚେୟାର କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସେମାନେ ଅଂଶଗ୍ରହଣ କରିବେ। ସେମାନଙ୍କ ପାଖରେ କୌଣସି ଖେଳ ଉପକରଣ ନାହିଁ। ସେମାନଙ୍କୁ ଖେଳ କିଟ୍, ପୋଷାକ ଓ ଯାତାୟାତ ଖର୍ଚ୍ଚ ପ୍ରଦାନ କରିବାକୁ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି । ସ୍ମାରକପତ୍ର ପ୍ରଦାନ ବେଳେ ଆସୋସିଏସଶନ ସଭାପତି ପଦ୍ମନାଭ ନାହାକ, ଉପ ସଭାପତି ନିକୁ ପ୍ରଧାନ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସେଠୀ, କୋଷାଧ୍ୟକ୍ଷ ଏନ. ତିରୁପତି ରେଡ୍ଡୀ, ହୃଷୀକେଶ ପ୍ରସାଦ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା ପ୍ରସ୍ତୁତି ବୈଠକ

ଆସିକା ୧୫।୧୦ (ସୁରେନ୍ଦ୍ର ନାଥ ସାହୁ)

ଆସିକାସ୍ଥିତ ହରିହର ହାଇସ୍କୁଲ ମିନି ଷ୍ଟାଡିୟମରେ ରାଜ୍ୟସ୍ତରୀୟ କବିଡା ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହାର ସୁପରିଚାଳନା ନିମନ୍ତେ ମଙ୍ଗଳବାର ଆସିକା ବିଧାୟକ ସରୋଜ କୁମାର ପାଢୀଙ୍କ ଅଧକ୍ଷତାରେ ସ୍ଥାନୀୟ ବ୍ଲକ ଭିଡିଓ କନଫରେନ୍ସି ହଲଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତିଯୋଗିତାର ସୁପରିଚାଳନା ସମ୍ପର୍କରେ ବିଭିନ୍ନ ବିଭାଗୀୟ ସରକାରୀ ଅଧିକାରୀଙ୍କୁ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା । ଆସନ୍ତା ନଭେମ୍ବର ମାସରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ରାଜ୍ୟର ବାଳିକା ଓ ବାଳକ ବର୍ଗର ଏକ ହଜାରରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିବେ ବୋଲି ଅନୁମାନ କରାଯାଇଛି । ସେମାନଙ୍କ ସୁରକ୍ଷିତ ରହଣି ସାଙ୍ଗକୁ ଖାଦ୍ୟ ପାନୀୟ ଓ ଆତିଥେୟତାର ସୁପରିଚାଳନା ଲାଗି ବୈଠକରେ ଆଲୋଚନା ହୋଇଥିବା ବିଧାୟକ ପାଢୀ ସୂଚନା ଦେଇଛନ୍ତି । ତେବେ ନିକଟ ଭବିଷ୍ୟତରେ ଆସିକାର ବିଭିନ୍ନ ସଙ୍ଗଠନର ପ୍ରତିନିଧି, ମାନ୍ୟଗଣ୍ୟ ବ୍ୟକ୍ତି ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ବୈଠକ କରାଯିବ ବୋଲି ସେ କହିଛନ୍ତି । ପ୍ରସ୍ତୁତି ବୈଠକରେ ଏନ୍‌ଏସି ଅଧକ୍ଷା ବିନେତା ସ୍ୱାଇଁ, ବିଡିଓ ଫକିର ଚରଣ ପରିଡା, ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ, ଏନଏସି ନିର୍ବାହୀ ଅଧିକାରୀ ଲୋକନାଥ ବେଜ, ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ,ବିଦ୍ୟୁତ ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଆଦିତ୍ୟ କୁମାର ଦାସ, ଡାକ୍ତର ଦୀପକ କୁମାର ସାମନ୍ତରା, ସତ୍ୟନାରାୟଣ ସ୍ୱାଇଁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ସାମିଲ ଥିଲେ।


ଆଲୋଚନା ବୈଠକରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

# ଜାତୀୟ ବନ୍ୟପ୍ରାଣୀ ସପ୍ତାହ



ପାରଳାଖେମୁଣ୍ଡି,୧୫।୧୦
(ଗିରିଧାରୀ ପରିଛା)

ଗଜପତି ଜିଲା ଗୋଷାଣୀ ବ୍ଲକର ଗାରାବନ୍ଧଠାରେ ମହେନ୍ଦ୍ର ବନାଞ୍ଚଳ ପକ୍ଷରୁ ଜାତୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି । ଗାରାବନ୍ଧସ୍ଥିତ ଶ୍ରୀଭେଙ୍କଟେଶ୍ୱର ଉଚ୍ଚ ବିଦ୍ୟାଳୟଠାରୁ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ପୋଲିସ ଓ ବନ କର୍ମଚାରୀଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରି ଜନସାଧାରଣଙ୍କୁ ସଚେତନ କରିଥିଲେ । ଜିଲା ବନଖଣ୍ଡ ଅଧିକାରୀ ଏସ୍. ଆନନ୍ଦଙ୍କ ନିର୍ଦ୍ଦେଶରେ ମହେନ୍ଦ୍ର ବନାଞ୍ଚଳ ଅଧିକାରୀ ଅମିତ ଶୁଭ୍ରଜିତ, ବନପାଳ ଏମ୍. କାମେଶ୍ୱର ରାଓଙ୍କ ସହ କର୍ମଚାରୀମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବନ୍ୟପ୍ରାଣୀଙ୍କ ସୁରକ୍ଷା କିପରି କରାଯିବ ଏବଂ ରକ୍ଷଣାବେକ୍ଷଣ ସହ ଜଙ୍ଗଲର ସଂରକ୍ଷଣ, ଜଙ୍ଗଲର ସୁରକ୍ଷା ନେଇ ସଚେନତନ କରିବା ଏହି ସପ୍ତାହ ପାଳନର ଉଦ୍ଦେଶ୍ୟ।

# ଓକିଲଙ୍କୁ ଆକ୍ରମଣ ଘଟଣା, ଜଣେ ଗିରଫ

ବୁଗୁଡା,୧୫।୧୦(କାଳିଚରଣ ଦାଶ)

ବୁଗୁଡା ଅଞ୍ଚଳର ଓକିଲ ଆଶିଷ କୁମାର ରାଉତଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାର ପୋଲିସ ରବିବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବୁଗୁଡା ଥାନା ଅନ୍ତର୍ଗତ ନାଗିରି ଗ୍ରାମର କାଳୁ ଚରଣ ପ୍ରଧାନ। ଆକ୍ରମଣ ଘଟଣାର ୨୦ ଦିନ ପରେ ଜଣେ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ଅନ୍ୟମାନେ କେବେ ଧରାପଡ଼ିବେ ସେ ନେଇ ପ୍ରଶ୍ନ ଉଠିଛି। ଗତ ୨୪ରେ ଓକିଲ ଆଶିଷଙ୍କୁ ରାସ୍ତାରେ ୩ ଜଣ ଦୁର୍ବୃତ୍ତ ରଡରେ ଆକ୍ରମଣ କରିବା ସହ ପର୍ସ, ମୋବାଇଲ୍ ଫୋନ୍ ଓ ତାଙ୍କ ବାଇକ୍ ଡିକିରୁ ଆବଶ୍ୟକୀୟ କାଗଜପତ୍ର ନେଇଯାଇଥିଲେ। ଏହି ଘଟଣା ପରେ ସ୍ଥାନୀୟ ଓକିଲ ସଂଘ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବି କରିଥିଲା। ୨୯ରେ ଖବରଦାତା ସମ୍ମିଳନୀ କରି ସପ୍ତାହକ ମଧରେ ଯଦି ଅଭିଯୁକ୍ତଙ୍କୁ ଗିରଫ କରା ନ ଯାଏ ସଂଘ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି କୁହାଯାଇଥିଲା। ତଥାପି କୌଣସି ଅଭିଯୁକ୍ତଙ୍କୁ ପୋଲିସ ଗିରଫ ନ କରିବାରୁ ଓକିଲମାନେ ଗତ ୭ରେ ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ଭଞ୍ଜନଗର ଏସଡିପିଓ ସୁଜିତ ନାୟକ ୭ଦିନ ମଧରେ ଅଭିଯୁକ୍ତଙ୍କୁ ଗିରଫ କରାଯିବା ନେଇ ପ୍ରତିଶ୍ରୁତି ଦେବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପ୍ରତିଶ୍ରୁତିର ଅବଧି ସରିବାକୁ ବସିଥିବା ବେଳେ ଓକିଲଙ୍କ ଆଉ ଏକ ପ୍ରତିବାଦର ସମ୍ମୁଖୀନରୁ ବର୍ତ୍ତିବାକୁ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଆଲୋଚନା ହେଉଛି।

# ବସ୍ ମାଲିକ ସଂଘ କାର୍ଯ୍ୟାଳୟ ଉଦ୍‌ଘାଟନ କଲେ ମନ୍ତ୍ରୀ


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

କୋଦଳା,୧୫।୧୦
(ଅମିତ କୁମାର ପଟ୍ଟନାୟକ)

ସ୍ଥାନୀୟ ବସଷ୍ଟାଣ୍ଡ ପରିସରରେ ମା' କନକେଶ୍ୱରୀ ଘରୋଇ ବସ ମାଲିକ ସଂଘ ନୂତନ କାର୍ଯ୍ୟାଳୟକୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଛନ୍ତି। କନକେଶ୍ୱରୀ ବସ ମାଲିକ ସଂଘ ସଭାପତି ସନ୍ତୋଷ କୁମାର ପତି ଏବଂ କୋଦଳା ବସ ମାଲିକ ସଂଘ ସଭାପତି ଚିତ୍ରସେନ ପରିଡାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥି ଭାବେ କବିସୂର୍ଯ୍ୟନଗରର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, କୋଦଳା ଏନ୍‌ଏସି ଅଧକ୍ଷ ସୂର୍ଯ୍ୟନାରାୟଣ ନାୟକ, ଉପାଧ୍ୟକ୍ଷା ରଞ୍ଜିତା ସେଠି, ବରିଷ୍ଠ ଭାଜପା ନେତା ସୀତାରାମ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି କୋଦଳା ବସଷ୍ଟାଣ୍ଡରେ ଯାତ୍ରୀଙ୍କ ଗମନାଗମନ ସୁବିଧା ଉପରେ ଆଲୋକପାତ କରିଥିଲେ। ଏଥିରେ ବହୁ ବସ ମାଲିକ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଫୁଲବାଣୀ ଜେଲରେ ସ୍ୱାସ୍ଥ୍ୟ ଶିବିର



ଫୁଲବାଣୀ,୧୫।୧୦
(ରାକେଶ କୁମାର ରାଉତ)

ଜିଲା ଦୌରାଜଜ୍ ସତ୍ୟପୀର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଫୁଲବାଣୀ ମଣ୍ଡଳ କାରାଗାର ପରିସରରେ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଅନ୍ତେବାସୀଙ୍କ ପାଇଁ ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟର ବିଜୟ କୃଷ୍ଣ ମିଶ୍ର, ଡା. ଅରବିନ୍ଦ ଦାସ, ଚକ୍ଷୁ ବିଶେଷଜ୍ଞ ଡା. ପ୍ରୀତମ କୁମାର ଦାସ, ଗୁମାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଏସ.କେ ବରାଡ ପ୍ରମୁଖ କାରାଗାର ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା କରିଥିଲେ। ଫାର୍ମାସିଷ୍ଟ ଦେବୀପ୍ରସାଦ ସାହୁ, ସି.ସି ମିଶ୍ର, ପଙ୍କଜ କୁମାର ବେହେରା ସହଯୋଗ କରିଥିଲେ।

# ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି


ଜଣେ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଉଛି।

ଆର,ଉଦୟଗିରି:୧୫।୧୦
(ମନୋଜ କୁମାର ପାଢୀ)

ଗଜପତି ଜିଲା ଆର. ଉଦୟଗିରି ବ୍ଲକର ଶିଆଳିଲଟି ପଞ୍ଚାୟତ କାର୍ଯ୍ୟାଳୟ ପରିସର ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ସୋମବାର ଜିଲାପାଳ ବିଜୟ କୁମାର ଦାସ ଜନଅଭିଯୋଗ ଶୁଣାଣି କରିଛନ୍ତି। ଏଥିରେ ୨୬ଟି ବ୍ୟକ୍ତିଗତ ଅଭିଯୋଗ ଥିବାବେଳେ ୪୩ଟି ଗୋଷ୍ଠୀଗତ ଅଭିଯୋଗର ଶୁଣାଣି ହୋଇଛି। ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜଣେ ଦିବ୍ୟାଙ୍ଗଙ୍କୁ ହ୍ୱିଲଚେୟାର, ୪ଜଣଙ୍କୁ ମଧୁବାବୁ ପେନସନ ଓ ୪୩ ଜଣଙ୍କୁ ଜଙ୍ଗଲଜମି ପଟ୍ଟା ବଣ୍ଟନ କରାଯାଇଥିଲା। ଶବରପଲ୍ଲୀର କସ୍ତୁରୀ ନାୟକ ଜଣେ ଦିବ୍ୟାଙ୍ଗ ଯୁବକଙ୍କୁ ବିବାହ କରିଥିବାରୁ ଜିଲା ପ୍ରଶାସନ ପକ୍ଷରୁ ଉଭୟଙ୍କୁ ୨.୫ଲକ୍ଷ ପ୍ରୋତ୍ସହନ ରାଶି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଜିଲାପାଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସମେତ ଆରକ୍ଷୀ ଅଧୀକ୍ଷକ ଜିତେନ୍ଦ୍ର କୁମାର ପଣ୍ଡା, ଜିଲା ସମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର ନାୟକ, ଜ୍ୟୋତିମୟ କୁମାର ଦାସ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅରୁଣ କୁମାର ଉଦୟଭାନୁ, ରାମଗିରି ଜିଲା ପରିଷଦ ସଭ୍ୟ ଦଣ୍ଡପାଣି ବଡମୁଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ଅଙ୍ଗନୱାଡି ଷ୍ଟଲ ଖୋଲାଯାଇ ସେଠାରେ ବିଭିନ୍ନ ପୁଷ୍ଟିକର ଖାଦ୍ୟଦ୍ରବ୍ୟ ପ୍ରଦର୍ଶିତ ହୋଇଥିଲା ।

# ଚକରା ଘାଟିର ବିକାଶ ହେବ: ବିଧାୟକ

ଭଞ୍ଜନଗର,୧୫।୧୦(ବାବୁଲା ପ୍ରଧାନ)

ବ୍ରିଟିଶ ବିରୋଧୀ ଲଢ଼େଇ ପ୍ରଥମେ ଘୁମୁସରରୁ ହିଁ ଆରମ୍ଭ ହୋଇଥିଲା ବୋଲି ଅନେକ ଗବେଷକ ମତ ଦିଅନ୍ତି। ଏହି ଲଢ଼େଇର ନେତୃତ୍ୱ ଦୋହରା ବିଷୋୟୀ, ଚକରା ବିଷୋୟୀ ନେଉଥିଲେ। ଚକରା ବିଷୋୟୀ ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ତିଳିସିଙ୍ଗି ନିକଟସ୍ଥ ଚନ୍ଦ୍ରଗିରି ଜଙ୍ଗଲରେ ନିଜର ଘାଟି ତିଆରି କରିଥିଲେ। ତାହାର ନାମ ଥିଲା ଚକରା ଘାଟି। ଏଠାରୁ ହିଁ ଚକରା ବିଷୋୟୀ ବ୍ରିଟିଶରମାନଙ୍କ ବିରୋଧରେ ଲଢ଼େଇ କରୁଥିଲେ। ଘଞ୍ଚ ଜଙ୍ଗଲ ମଧରେ ଏହି ଘାଟି ନିର୍ମାଣ ହୋଇଥିଲା। ବ୍ରିଟିଶରମାନେ ଚକରାଙ୍କୁ ଧରିବା ପାଇଁ ଅନେକ ଥର ଉଦ୍ୟମ କରିଥିଲେ। ଅଥଚ ତାଙ୍କୁ ଧରିପାରି ନ ଥିଲେ। ଶେଷରେ ଚକରା କେଉଁଆଡେ ଉଭାନ ହୋଇଗଲେ ତାହାର କୌଣସି ପତ୍ତା ଏଯାଏ ମିଳିନାହିଁ। ଫଳରେ ଚକରାଙ୍କ ମୃତ୍ୟୁ ଉପରେ ଠିକ୍ ତାରିଖ ଜଣାପଡ଼ିନାହିଁ। ଚକରା ଘାଟି ଏବେ ମଧ ଚକରାଙ୍କ ବ୍ରିଟିଶ ବିରୋଧୀ ଲଢ଼େଇର ମୂକସାକ୍ଷୀ ହୋଇ ରହିଛି। ଦେଶ ସ୍ୱାଧୀନତା ପରେ ଉକ୍ତ ଘାଟିର ସ୍ମୃତିକୁ ବଜାୟ ରଖିବା ପାଇଁ ସରକାରଙ୍କ ପକ୍ଷରୁ ସେଭଳି କୌଣସି ଉଦ୍ୟମ ହୋଇ ନ ଥିଲା। ୧୨ ବର୍ଷ ତଳେ ବନ ବିଭାଗର ଅଧିକାରୀ ତଥା ବର୍ତ୍ତମାନର ଫୁଲବାଣୀ କେନ୍ଦୁପତ୍ର ଡିଏଫଓ ଶରତ ମିଶ୍ରଙ୍କ ଉଦ୍ୟମରେ ଘାଟିର କିଛିଟା ବିକାଶ ହୋଇଥିଲା। ଗତ ସାଧାରଣ ନିର୍ବାଚନରେ ଭଞ୍ଜନଗର ବିଧାୟକ ଭାବେ ପ୍ରଦ୍ୟୁମ୍ନ ନାୟକ ନିର୍ବାଚିତ ହେବା ପରେ ଘାଟିର ବିକାଶ ପାଇଁ ଯୋଜନା କରିଥିଲେ। ମଙ୍ଗଳବାର ବିଧାୟକ ନାୟକଙ୍କ ସମେତ ସରକାରୀ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ, ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି, ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ ଚକରା ଘାଟି ପରିଦର୍ଶନ କରିଥିଲେ। ଘାଟିଟି ପ୍ରକୃତି ଘେରା ଜଙ୍ଗଲ ମଧରେ ଥିବାରୁ ଜଙ୍ଗଲରେ ବସବାସ କରୁଥିବା ବନ୍ୟପ୍ରାଣୀ କିଭଳି ସୁରକ୍ଷିତ ରହିପାରିବେ ସେଥିପାଇଁ ଜଙ୍ଗଲରେ ପାଣି ବ୍ୟବସ୍ଥା ଯୋଜନା ହୋଇଥିଲା। ଘାଟି ନିକଟରେ ୩ଟି ଚେକ୍ ଡ୍ୟାମ ହେବ। ପର୍ଯ୍ୟଟକଙ୍କ ପାଇଁ ୱାଚ୍ ଟାୱାର ସହ ଅନ୍ୟାନ୍ୟ ବିକାଶ କରାଯିବ ବୋଲି ବିଧାୟକ କହିଥିଲେ। ପରେ ସେମାନେ ସନ୍ଧ୍ୟାରେ ତିଳିସିଙ୍ଗିସ୍ଥିତ ଲଙ୍କେଶ୍ୱରୀ ପାହାଡ଼ ପରିଦର୍ଶନ କରିଥିଲେ। ଉକ୍ତ ପାହାଡ଼କୁ ମଧ ପର୍ଯ୍ୟଟକଙ୍କ ଆକର୍ଷଣ ପାଇଁ ୨ କୋଟି ଟଙ୍କା ବ୍ୟୟ ହେବ। ବିଧାୟକଙ୍କ ଗସ୍ତ ସମୟରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଆଶିଷ ନାୟକ, ଗାଳେରି ରେଞ୍ଜର ଆଶାଲତା ଦିଗାଲ, ବନପାଳ ଶୁଭସ୍ମିତା ପାତ୍ର, ଭାଜପା ନେତା ପଦ୍ମ ଚରଣ ପ୍ରଧାନ, ପ୍ରମୋଦ ପାତ୍ର, ଧବଳେଶ୍ୱର ମାଝୀ, ସମିତି ସଭ୍ୟ ସୁବାସ ପ୍ରଧାନ, ଲକ୍ଷ୍ମୀ ପଣ୍ଡା, ଶିବ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଚକରା ଘାଟିରେ ଠାକୁରାଣୀଙ୍କୁ ଦର୍ଶନ କରୁଛନ୍ତି ବିଧାୟକ ଓ ଅନ୍ୟମାନେ ।

## ସଂକ୍ଷେପରେ

### ପୂର୍ବତନ କ୍ରିକେଟ ଖେଳାଳି ଅର୍ଦ୍ଧେନ୍ଦୁ ଦାସଙ୍କ ବିୟୋଗ



ଯାଜପୁରରୋଡ୍,୧୫ା୧୦(ପବିତ୍ର ରଞ୍ଜନ ମହାନ୍ତି): ବ୍ୟାସନଗରର ପୂର୍ବତନ କ୍ରିକେଟ ଖେଳାଳି ଅର୍ଦ୍ଧେନ୍ଦୁ ଶଙ୍କର ଦାସଙ୍କ ମଙ୍ଗଳବାର ତାଙ୍କ ବାସଭବନରେ ୭୯ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଦାସ ଅବିଭକ୍ତ କଟକ ଜିଲାର ଜଣାଶୁଣା କ୍ରିକେଟ ଖେଳାଳିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ଓ ରାଜ୍ୟସ୍ତରୀୟ କଳାହାଣ୍ଡି କପ ଭଳି ସମ୍ମାନ ଜନକ ଟୁର୍ନାମେଣ୍ଟରେ ସେ ପ୍ରତିନିଧିତ୍ୱ କରିଥିଲେ। ସର୍ବପୁରାତନ ଯାଜପୁରରୋଡ ଆଥଲେଟିକ ଆସୋସିଏସନର ଉପଦେଷ୍ଟା ଥିଲେ। ଅର୍ଦ୍ଧେନ୍ଦୁ ବିଶିଷ୍ଟ ଚିତ୍ରତାରକା ସ୍ୱର୍ଗତା ଅନିତା ଦାସ, କନିଷ୍ଠ ଭ୍ରାତା ସାରଦା ପ୍ରସାଦ ଦାସଙ୍କ ଜ୍ୟେଷ୍ଠ ଭ୍ରାତା ଓ କୋରେଇ ବିଧାୟକ ଆକାଶ ଦାସ ନାୟକଙ୍କ ମାମୁ। ତାଙ୍କ ପାର୍ଥିବ ଶରୀରକୁ ଏକ ଶୋଭାଯାତ୍ରାରେ ସହରର ନୂଆ ମାର୍କେଟସ୍ଥିତ ବାସସ୍ଥାନକୁ ଅଣାଯିବା ପରେ ଯାଜପୁରସ୍ଥିତ ମହାଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଜ୍ୟେଷ୍ଠ ପୁତ୍ର ଅଂଶୁମାନ ଦାସ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବ୍ୟାସନଗର ଜଣେ ଖ୍ୟାତିସମ୍ପର୍ଣ୍ଣ କ୍ରିକେଟ ଖେଳାଳିଙ୍କୁ ହରାଇଲା ବୋଲି ଯାଜପୁରରୋଡ ଆଥଲେଟିକ ଆସୋସିଏଶନ ସଭାପତି ରସାନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ରାଉତ, ନିତ୍ୟାନନ୍ଦ ସାମଲ, ମନୀନ୍ଦ୍ର ଧଳ, ବିଜୟ କୁମାର ନାୟକ, ମନୋରଞ୍ଜନ ହରିଚନ୍ଦନ ସିଂ, ଗଣନାଥ ରାଉତ, ବିଶ୍ୱମ୍ଭର ରାଉତ, ପ୍ରତାପ କୁମାର ଦାଶ, କୈଳାସ କୁମାର ରାଉତ, ଅଭିମନ୍ୟୁ ରାଉତ, କୈଳାସ କୁମାର ଯେନା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

### ଗାଡ଼ିଆରେ ପଡ଼ି ମହିଳା ମୃତ

ପାଟଣା,୧୫ା୧୦(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ଥାନା ଦିଗପର୍ଶି ପଞ୍ଚାୟତ ଚଢ଼େଇ ଭୋଳ ଗ୍ରାମରେ ଜଣେ ମହିଳାଙ୍କ ବିଲରେ ଥିବା ଗାଡ଼ିଆରେ ପଡ଼ି ମୃତ୍ୟୁ ଘଟିଛି। ମୃତା ଗ୍ରାମର ମୋଚିରାମ ମୁର୍ମୁଙ୍କ ସ୍ତ୍ରୀ ଫୁଲମଣି(୪୮)। ସେ ସୋମବାର ଅପରାହ୍ନରେ ବିଲକୁ କାମ କରିବାକୁ ଯାଇଥିଲେ। ସନ୍ଧ୍ୟାରେ ଘରକୁ ଫେରୁଥିବା ବେଳେ ବିଲ ହିଡରୁ ଖସି ଗାଡ଼ିଆରେ ବୁଡ଼ିଯାଇଥିଲେ। ଘରଲୋକ ବହୁ ଖୋଜାଖୋଜି କରିବା ପରେ ମଙ୍ଗଳବାର ସକାଳୁ ମୃତଦେହ ବିଲରେ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ପାଟଣା ଥାନାରେ ଏକ ମାମଲା(ନଂ. ୬୬/୨୪)ରୁଜୁ କରିଛି। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ବିନା ମୂଲ୍ୟରେ ଆଧାର ସଂଶୋଧନ ପ୍ରହସନ

- ଜନସେବା କେନ୍ଦ୍ରରେ ଶୋଷିତ ହେଉଛନ୍ତି କାର୍ଡଧାରୀ
- ପ୍ରଶାସନ ଦୃଷ୍ଟିଦେବାକୁ ଦାବି

ରସୁଲପୁର,୧୫ା୧୦(ରଞ୍ଜିତ ରାଉତ):




ଆଧାର କାର୍ଡ ଏକ ଅତ୍ୟାବଶ୍ୟକୀୟ ପରିଚୟପତ୍ର ଭାବରେ ବ୍ୟବହାର ହେଉଛି। ସରକାରୀ ଓ ବେସରକାରୀସ୍ତରରେ ଆଧାରକାର୍ଡକୁ ଏକପ୍ରକାର ବାଧ୍ୟତାମୂଳକ କରାଯାଇଛି। ଏହି କାର୍ଡରେ ରହିଆସୁଥିବା ତ୍ରୁଟିବିଚ୍ୟୁତି ଓ ଆବଶ୍ୟକ ସଂଶୋଧନ ବିନା ମୂଲ୍ୟରେ କରାଯିବ ବୋଲି କେନ୍ଦ୍ର ସରକାର ଓ ୟୁଆଇଡିଏଆଇ(ୟୁନିକ୍ ଆଇଡେଣ୍ଟିଫିକେସନ୍ ଅଥରିଟି ଅଫ୍ ଇଣ୍ଡିଆ) ପକ୍ଷରୁ ସୂଚନା ଦିଆଯାଇଛି। ନିଃଶୁଳ୍କ ସେବା ଡିସେମ୍ବର ପର୍ଯ୍ୟନ୍ତ ପ୍ରଦାନ କରାଯିବ ବୋଲି ୟୁଆଡିଏଆଇ ପକ୍ଷରୁ ଘୋଷଣା କରାଯାଇଛି। ମାତ୍ର ବାସ୍ତବରେ ସେଭଳି ସୁବିଧା ରସୁଲପୁର ବ୍ଲକ ଅଞ୍ଚଳର କାର୍ଡଧାରୀମାନଙ୍କୁ ମିଳୁନାହିଁ। ଏହି ଘୋଷଣା ପ୍ରହସନରେ ପରିଣତ ହୋଇଛି। ଫଳରେ ଦୈନିକ ଶତାଧିକ କାର୍ଡଧାରୀ ଜନସେବା କେନ୍ଦ୍ରଗୁଡ଼ିକରେ ଆଧାରକାର୍ଡ ସଂଶୋଧନ କରିବା ଆଳରେ ଆର୍ଥିକ ଶୋଷଣର ଶିକାର ହେଉଥିବା ଲକ୍ଷ୍ୟ କରାଯାଉଛି।

ଆଧାର କାର୍ଡ ବିନା କୌଣସି ଅନ୍‌ଲାଇନ ଓ ଅଫ୍‌ଲାଇନ ସରକାରୀ ଏବଂ ବେସରକାରୀ ଅଫିସିଆଲ କାର୍ଯ୍ୟ ସମ୍ଭବପର ହୋଇ ପାରୁନାହିଁ। ଶ୍ରମିକ ବର୍ଗଙ୍କଠାରୁ ଆରମ୍ଭ କରି ବେସରକାରୀ ଓ ସରକାରୀ ଚାକିରିଆଙ୍କ ଯାବତୀୟ କାର୍ଯ୍ୟ ପାଇଁ ଆଧାରକାର୍ଡକୁ ବାଧ୍ୟତାମୂଳକ କରାଯାଇଛି। ହିତାଧିକାରୀଙ୍କୁ ବିଭିନ୍ନ ଯୋଜନାର ସୁବିଧା ଆଧାରକାର୍ଡକୁ ବ୍ୟବହାର କରି ଡିବିଟି ଜରିଆରେ ପ୍ରଦାନ କରାଯାଉଛି। ଦେଶରେ ଆଧାରକାର୍ଡଧାରୀଙ୍କ ଗୋଟିଏ ନମ୍ବର ରହିବ। କାର୍ଡଧାରୀ ଚାହିଁଲେ ସେମାନଙ୍କ କାର୍ଡରୁ ନାମ, ଜନ୍ମତାରିଖ, ଠିକଣା, ବାପା/ସ୍ୱାମୀଙ୍କ ନାମ ଆଦି ପରିବର୍ତ୍ତନ ଓ ସଂଶୋଧନ କରିପାରିବେ। ଏହି ସେବାକେନ୍ଦ୍ର ସରକାରଙ୍କ ପକ୍ଷରୁ ମାଗଣାରେ ଉପଲବ୍ଧ ହେବ ବୋଲି ଘୋଷଣା କରାଯାଇଥିଲା। ସେଥିସକାଶେ ଗ୍ରାମାଞ୍ଚଳରେ ଥିବା ଡାକଘର, ବ୍ୟାଙ୍କ, ପଞ୍ଚାୟତ, ବ୍ଲକ କାର୍ଯ୍ୟାଳୟ ଭଳି କେତେକ ସରକାରୀ ସ୍ଥାନରେ ଏହି କାର୍ଯ୍ୟ ମାଗଣାରେ କରିବା ପାଇଁ ସରକାରୀ ନିର୍ଦ୍ଦେଶ ରହିଥିଲା। ମାତ୍ର ଉକ୍ତ ନିର୍ଦ୍ଦେଶନାମାକୁ ଖୋଲାଖୋଲି ଉଲ୍ଲଘଂନ କରାଯାଉଥିବାରୁ କାର୍ଡ ସଂଶୋଧନ କାର୍ଯ୍ୟ ମାଗଣାରେ ଉପଲବ୍ଧ ହୋଇପାରୁନାହିଁ। ଆବଶ୍ୟକ ସଂଶୋଧନ ବିନା କାର୍ଡଧାରୀ ନାନା ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି।

କେତେକ ଜନସେବାକେନ୍ଦ୍ରର ପରିଚାଳକ ଆଧାର କେନ୍ଦ୍ର ପାଇଁ ୟୁଆଇଡିଏଆଇ କୋଡ୍ ହାତେଇ କାର୍ଡ ସଂଶୋଧନ କରୁଛନ୍ତି। ଏଥିପାଇଁ କାର୍ଡ ପିଛା ୧୦୦ରୁ ୫୦୦ଟଙ୍କା ପର୍ଯ୍ୟନ୍ତ ଅର୍ଥ ଦାବି କରୁଥିବା ଅଭିଯୋଗ ହେଉଛି। ୟୁଆଇଡିଏଆଇ ପକ୍ଷରୁ ୧୪ ସେପ୍ଟେମ୍ବର ପର୍ଯ୍ୟନ୍ତ ମାଗଣାରେ ଆଧାରକାର୍ଡ ସଂଶୋଧନ ହୋଇପାରିବ ବୋଲି ଘୋଷଣା କରାଯାଇଥିଲା। ଏହି ଅବଧିକୁ ୧୪ ଡିସେମ୍ବର ୨୦୨୪ ପର୍ଯ୍ୟନ୍ତ ଅର୍ଥାତ ୩ମାସ ବୃଦ୍ଧି କରାଯାଇଛି। ଏହି ଅବଧି ପରେ ଆଧାର ଅପ୍‌ଡେଟ୍ କରିବାକୁ ଚାହୁଁଥିବା କାର୍ଡଧାରୀଙ୍କୁ ଅର୍ଥ ପୈଠ କରିବାକୁ ପଡ଼ିବ ବୋଲି ଘୋଷଣାନାମାରେ ଉଲ୍ଲେଖ କରାଯାଇଛି। ଏହାଛଡ଼ା ଅନଲାଇନ ଜରିଆରେ ମାଗଣା ଆଧାର ସଂଶୋଧନ ପାଇଁ କାର୍ଡଧାରୀ ଆବେଦନ କରିପାରିବେ ବୋଲି କୁହାଯାଇଛି। ଏଥିପାଇଁ କାର୍ଡଧାରୀମାନଙ୍କୁ ୟୁଆଇଡିଏଆଇ ୱେବସାଇଟ୍‌କୁ ଯାଇ ଆବେଦନ କରିବାକୁ ପଡ଼ିବ। ଏହିଭଳି ଜରିଆରେ ଆଧାରକାର୍ଡ ସଂଶୋଧନ କାର୍ଯ୍ୟ କରାଯାଇ ପାରିବ ବୋଲି କୁହାଯାଉଛି। ତେବେ ବାସ୍ତବ କ୍ଷେତ୍ରରେ ଏଭଳି ସୁବିଧା କାର୍ଡଧାରୀମାନଙ୍କୁ ଉପଲବ୍ଧ ହେଉନାହିଁ ବୋଲି ଅଭିଯୋଗ ହେଉଛି। ତେଣୁ ଏ ଦିଗରେ ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ୟୁଆଇଏଡିଆଇ ପକ୍ଷରୁ ଯାଜପୁର ଜିଲା ସଂଯୋଜକ ଭାବେ କାର୍ଯ୍ୟ କରୁଥିବା ଉତ୍କଳ ନାୟକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ।

# ସେବା ନିବୃତ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା



ସେବା ନିବୃତ୍ତ ୩ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରସୁଲପୁର,୧୫ା୧୦(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ବିଲିପଡ଼ା ଗ୍ରାମରେ ୩ ସେବା ନିବୃତ୍ତ କର୍ମଚାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଗାଁ ମୁରବି ରାଜକିଶୋର ଆଏଚଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ଅଧ୍ୟକ୍ଷ ଡା. ରୁଦ୍ରନାରାୟଣ ପୃଷ୍ଟି, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବରେ ବିଲିପଡା ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ଜେନା ପ୍ରମୁଖ ଯୋଗଦେଇ ବିଲିପଡ଼ା ଗ୍ରାମରେ ଅବସର ଗ୍ରହଣ କରିଥିବା ଭାରତୀୟ ସ୍ଥଳସେନା ବାହିନୀରୁ ସୁବେଦାର ମେଜର ଲ୍ୟୁଟ୍‌ନାଣ୍ଟ ଦେବେନ୍ଦ୍ର କୁମାର ଆଏଚ, ସିଆର୍‌ପିଏଫ୍‌ର ସୁର୍ଯ୍ୟଦିପ୍ତ ଧଳ, ଓଡ଼ିଶା ପୋଲିସର ଏଏସ୍‌ଆଇ ବିଶ୍ୱନାଥ ପଣ୍ଡାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏଥିସହ କର୍ମଚାରୀମାନଙ୍କୁ ଗାଁ ପରିକ୍ରମା କରାଯିବା ସମୟରେ ବିଭିନ୍ନ ସ୍ଥାନରେ ଭବ୍ୟ ସ୍ୱାଗତ ସମ୍ମାନ ଜ୍ଞାପନ କରାଯାଇଛି। କାର୍ଯ୍ୟକ୍ରମରେ ଶିକ୍ଷକ ଅବିନାଶ ଆଏଚ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସୁଶୀଲ କୁମାର ସେଠୀ ଧନ୍ୟବାଦ ଦେଇଥିଲେ।

# ଆକ୍ରମଣ ଘଟଣାରେ ମାମଲା ରୁଜୁ ହେଉନି

**ଏସ୍‌ପିଙ୍କୁ ନ୍ୟାୟ ମାଗିଲେ ଅଭିଯୋଗକାରୀଙ୍କ ପରିବାର**

ପାଣିକୋଇଲି,୧୫ା୧୦(ବିକାଶ ମଲ୍ଲିକ):

ଧାର ଟଙ୍କା ମାଗିବାକୁ ଯାଇ ମରଣାନ୍ତକ ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତି ଥାନାରେ ଅଭିଯୋଗ କରିବାର ୫ ଦିନ ପରେ ମଧ୍ୟ ପୋଲିସ ଏତଲା ପଞ୍ଜୀକୃତ କରୁନାହିଁ। ଫଳରେ ଥାନାରୁ ନ୍ୟାୟ ନ ପାଇ ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ନ୍ୟାୟ ପ୍ରଦାନ କରିବା ଲାଗି ଗୁହାରି କରିଛନ୍ତି ଅଭିଯୋଗକାରୀ କୋରେଇ ଥାନା ଅନ୍ତର୍ଗତ ତୁଳତି ପଞ୍ଚାୟତ ସାଇଂଟୋ ଗ୍ରାମର ଅଭିନ ମାଝୀଙ୍କ ପରିବାର।

ଅଭିନ ସେହି ଗ୍ରାମର ମନୋରଞ୍ଜନ ମଲିକଙ୍କୁ କିଛି ଟଙ୍କା ଧାର ଦେଇଥିଲେ। ତେବେ ଟଙ୍କାର ଆବଶ୍ୟକତା ପଡ଼ିବାରୁ ଗତ ୧୦ ତାରିଖରେ ଅଭିନ ମନୋରଞ୍ଜନଙ୍କୁ ଟଙ୍କା ମାଗିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ମନୋରଞ୍ଜନ ଅଭିନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଏକ ବାଉଁଶ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଅଭିନ ଅଚେତ ହୋଇଯିବା ପରେ ମନୋରଞ୍ଜନ ତାଙ୍କୁ ଏକ ବୁଦାମୂଳେ ଫୋପାଡ଼ି ଦେଇ




ପଳେଇ ଯାଇଥିଲେ। ଅଭିନଙ୍କ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏନେଇ ଅଭିନଙ୍କ ସ୍ତ୍ରୀ କୁନିଲତା ଗତ ୧୦ ତାରିଖରେ କୋରେଇ ଥାନାରେ ଅଭିଯୋଗ କରିଥିଲେ। ଅଭିନଙ୍କ ପୁଅ ଗଣେଶ ସିଭିଲ ସୋସାଇଟି ଫୋରମର ସମ୍ପାଦକ ବିଶ୍ୱନାଥ ପାତ୍ର ଓ ଏସ୍‌ସିଏସ୍‌ଟି ଜଏଣ୍ଟ ଆକ୍ସନ କମିଟିର ସମ୍ପାଦକ ଦୁଷ୍ମନ୍ତ ଜେନାଙ୍କ ସହାୟତାରେ ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ତାଙ୍କ ବାପାଙ୍କ ଲାଗି ନ୍ୟାୟ ମାଗିଛନ୍ତି। ଏନେଇ କୋରେଇ ପୋଲିସର ପ୍ରତିକ୍ରିୟା ମିଳିପାରିନାହିଁ।

### ବାଇକ୍ ମଗାକୁ କେନ୍ଦ୍ରକରି ମାର୍‌ପିଟ, ଜଣେ ଆହତ

ଧର୍ମଶାଳା,୧୫ା୧୦(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ଥାନା ଅନ୍ତର୍ଗତ ଉତ୍ତରପ୍ରତାପ ଗ୍ରାମରେ ବାଇକ୍ ମଗାକୁ କେନ୍ଦ୍ରକରି ମାରପିଟ ହୋଇଛି। ଏଥିରେ ଜଣେ ଆହତ ହୋଇଛନ୍ତି। ସୋମବାର ସନ୍ଧ୍ୟାରେ ଗ୍ରାମର ଆଲୋକ ରାଉଳଙ୍କୁ ସେହି ଗ୍ରାମର ଅମନ ରାଉତ ବାଇକ୍ ମାଗିଥିଲେ। ହେଲେ ଆଲୋକ ବାଇକ୍ ଦେବାକୁ ଅରାଜି ହେବାରୁ ଅମନ ଏକ ବାଉଁଶ କିଳାରେ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଆଲୋକ ଚିକିତ୍ସିତ ହେବା ପରେ ଧର୍ମଶାଳା ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଅମନଙ୍କୁ ମାଡ଼ ହୋଇଛି ବୋଲି ସେ ମଧ୍ୟ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ନଂ.୭୫୨/୨୪ ଓ ୭୫୩/୨୪ରେ ଦୁଇଟି ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି।

# 'ଆମ ପରିବେଶ ଆମ ହାତରେ' ସିଡୀ ଉନ୍ମୋଚିତ



ଜିଲାପାଳ ସିଡୀ ଉନ୍ମୋଚନ କରୁଛନ୍ତି।

ସିଂହପୁର,୧୫ା୧୦ (ଅନଙ୍ଗ ଉଦୟ ବେଉରିଆ):

ସ୍ୱଚ୍ଛ, ସୁନ୍ଦର ପରିବେଶର ସୃଷ୍ଟି ଓ ସୁରକ୍ଷା ନିମନ୍ତେ ନଳିନୀ ପ୍ରଭା ଦାସ ଫାଉଣ୍ଡେଶନ ପକ୍ଷରୁ ପ୍ରସ୍ତୁତ 'ଆମ ପରିବେଶ ଆମ ହାତରେ' ସଂଗୀତ ସିଡୀ ଯାଜପୁର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଏହି ସିଡୀରେ ଥିବା ସମସ୍ତ ୮ଟି ଗୀତକୁ ଗୀତିକାର ତଥା ଶ୍ରୀବନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନଳିନୀପ୍ରଭା ଦାସ ରଚନା କରିଛନ୍ତି। ସଂଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଗୀତଗୁଡ଼ିକରେ କଣ୍ଠଦାନ କରିଛନ୍ତି ଓଡ଼ିଶାର ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ସୁଧାକର ମିଶ୍ର, ଏଞ୍ଜୋଲା ମିଶ୍ର ଏବଂ ଦିନେଶ କୁମାର ମଲ୍ଲିକ। ଦିନକୁ ଦିନ ପରିବେଶ ପ୍ରଦୂଷଣ ବୃଦ୍ଧି ପାଇବାରେ ଲାଗିଛି। ପରିବେଶକୁ ପ୍ରଦୂଷଣମୁକ୍ତ କରି ସ୍ୱଚ୍ଛ, ସୁନ୍ଦର ଓ ସୁରକ୍ଷିତ ରଖିବା ସମସ୍ତଙ୍କର ପ୍ରଥମ କର୍ତ୍ତବ୍ୟ। ଏଥିପାଇଁ ଗୀତ ମାଧ୍ୟମରେ ନଳିନୀ ପ୍ରଭା ଦାସ ଫାଉଣ୍ଡେଶନ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଚର୍ଚ୍ଚାର ବିଷୟ ପାଲଟିଛି। ଗୀତଗୁଡ଼ିକର ପରିକଳ୍ପନା କରିଥିବା ଯାଜପୁର ଜିଲାପାଳ, ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା ସଭାପତି ନଳିନୀପ୍ରଭା ଦାସ ଏବଂ ସମ୍ପାଦକ ଦିନେଶ କୁମାର ମଲ୍ଲିକଙ୍କୁ ଉକ୍ତ ମହତ କାର୍ଯ୍ୟ ପାଇଁ ଉଚ୍ଚ ପ୍ରଶଂସା କରାଯାଇଛି।

### ଏପିଜେ ଅବଦୁଲ କଲାମଙ୍କ ଜୟନ୍ତୀ ପାଳିତ

ଚଣ୍ଡିଖୋଲ,୧୫ା୧୦(ପ୍ରଦୀପ୍ତ କୁମାର ପୃଷ୍ଟି):

ବଡ଼ଚଣା ବ୍ଲକ ଅନ୍ତର୍ଗତ ଖଣ୍ଡିଆବନ୍ଧଠାରେ ଚଣ୍ଡିଖୋଲ ପ୍ରୟାସ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ମଙ୍ଗଳବାର ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମଙ୍କ ୯୩ତମ ଜୟନ୍ତୀ ପାଳିତ ହୋଇଯାଇଛି। କଲାମ ୨୦୦୩ରେ ବାୟୁସେନା ହେଲିକପ୍ଟରରେ ଆସି ପ୍ରଥମେ ପଞ୍ଚଦେବତାର ପୀଠ ମହାବିନାୟକ ପାଦ ଦେଶରେ ଥିବା ତିନି ଆଦିବାସୀ ଶବର ସାହିରେ ପାଦ ଥାପିଥିଲେ। ତିନି ଶବର ପଲ୍ଲୀ ତଥା ଶିବପୁରମ, ପାର୍ବତୀ ପୁରମ ଓ ଗଣେଶ ପୁରମ ନାମରେ ଗ୍ରାମରେ ସାହେବ ସିଂ ବର୍ମାଙ୍କ ରାଷ୍ଟ୍ରୀୟ ସ୍ୱାଭିମାନ ଅନୁଷ୍ଠାନ ପକ୍ଷରୁ ଏକ ପକ୍କା ଘରକୁ ଲୋକାର୍ପଣ କରିଥିଲେ। ଯେହେତୁ କଲାମ ଏହି ଅଞ୍ଚଳକୁ ଆସିଥିଲେ ତାଙ୍କର ଜନ୍ମ ଜୟନ୍ତୀକୁ ମନେ ରଖିବା ପାଇଁ ପ୍ରୟାସ ପରିବାର ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ରାଣୀବନ୍ଧୀ ଗ୍ରାମରେ ଏକ ସଭା ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବାବା ଭୈରବାନନ୍ଦ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ କେଦାର ନାଥ ଦାସ ଯୋଗଦେଇ କଲାମଙ୍କ ଜୀବନୀ ଦର୍ଶନ ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ବେଣୁଧର ପଣ୍ଡା, ପ୍ରାଧ୍ୟାପକ ସଲିଳ ରାଜନନ୍ଦନ ମାହାନ୍ତି, ଆଇନଜୀବୀ ଦେବରାଜ ବେହେରା, କାମିନୀ ନାୟକ ଯୋଗଦେଇଥିଲେ। ଅନ୍ୟତମ ଅତିଥିଭାବେ ପବିତ୍ର ରାଉତ, ଜଗନ୍ନାଥ ମୁଦୁଲି ଯୋଗ ଦେଇଥିଲେ। ସଭାପତି ଆଶିଷ ରଞ୍ଜନ ମହାପାତ୍ର ସଭାପତିତ୍ୱ କରିଥିଲେ। ସମ୍ପାଦକ ଭାରତ ଭୁଷଣ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିବା ସହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନ ପକ୍ଷରୁ ପରିବେଶବିତ୍ କ୍ଷୀରୋଦ ଜେନା, ପ୍ରମିଳା ସିଂ ଓ ବିକ୍ରମ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସଭ୍ୟ ପ୍ରତାପ ଗୋଚ୍ଛାୟତ, ଭବତୋଷ ବିଶ୍ୱାଳ, ରାଜେନ୍ଦ୍ର ନାୟକ, ସୁଶାନ୍ତ ନାୟକ, ଆଦିତ୍ୟ ବେହେରା, ବସନ୍ତ ପଲେଇ, ପ୍ରମୋଦ ମହାପାତ୍ର, ବିଶ୍ୱଜିତ ବରାଳ, ମୋହନ ମହାରଣା ପ୍ରମୁଖ ସହଯୋଗ କରିଥିଲେ। ସୁରେନ୍ଦ୍ର ସାମଲ ଧନ୍ୟବାଦ ଦେଇଥିଲେ।

# ଗ୍ୟାରେଜରୁ ୬ଲକ୍ଷ ଟଙ୍କାର ସାମଗ୍ରୀ ଲୁଟ୍

ଜଳେଶ୍ୱର,୧୫ା୧୦(ରବିନାରାୟଣ ପାତ୍ର)

ଜଳେଶ୍ୱରସ୍ଥିତ ଓଡ଼ିଶା ଗ୍ରାଣ୍ଡଟ୍ରାଙ୍କରୋଡ୍ ନିକଟ ସତ୍‌ସଙ୍ଗ ବିହାରଠାରେ ଥିବା ଏସ୍‌ଆର୍ ଅଟୋ କେୟାର ନାମକ ଏକ ଗ୍ୟାରେଜରୁ ୬ଲକ୍ଷ ଟଙ୍କାର ଯନ୍ତ୍ରପାତି ଓ ନଗଦ ଅର୍ଥ ଚୋରି ହୋଇଛି। ପଶ୍ଚିମବଙ୍ଗ ସୀମାଠାରୁ ମାତ୍ର ୨ କି.ମି. ଦୂର ଏହି ସ୍ଥାନ ହୋଇଥିବାରୁ ଦୁର୍ବୃତ୍ତମାନେ ନିକଟସ୍ଥ ଘରର ବାହାରପଟୁ ତାଲା ବନ୍ଦକରି ଗ୍ୟାରେଜରେ ଥିବା ବ୍ୟାଟେରି, ମଟର, ଅଟୋପାର୍ଟ ଗୁଡ଼ିକୁ ଚୋରି କରିନେଇଛନ୍ତି। ଏକ ଷ୍ଟିଲ ଆଲମାରୀ ଭାଙ୍ଗି ସେଥିରୁ ନଗଦ ଟଙ୍କା ଚୋରାଇ ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଜଳେଶ୍ୱର ଥାନା ଆଇଆଇସି ରଞ୍ଜନ କୁମାର ସେଠୀଙ୍କ ନିର୍ଦ୍ଦେଶରେ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଛନ୍ତି।

# ଯାଜପୁରରେ ଏକତ୍ରିତ ହେବେ ଓଡ଼ିଶାର ସାଧୁସନ୍ଥ

ଯାଜପୁର ଟାଉନ,୧୫ା୧୦ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଆସନ୍ତା ଡିସେମ୍ବର ୧୧ରେ ବିରଜା ମନ୍ଦିର ସନ୍ନିକଟ ଚମ୍ପାମଡାଇସ୍ଥିତ ମହାବୀର ଜିମ୍ନାସିୟମରେ ଓଡ଼ିଶାର ୩୦ ଜିଲାର ସମସ୍ତ ସମ୍ପ୍ରଦାୟର ସାଧୁସନ୍ଥ ଏକତ୍ରିତ ହେବେ। ଏହି ଅବସରରେ ନିଖିଳ ଓଡ଼ିଶା ମହା ମହା ସଭା ଗଠନ କରାଯିବ ବୋଲି ମଙ୍ଗଳବାର ଅପରାହ୍ନରେ ମହାବୀର ଜିମ୍ନାସିୟମ ପରିସରରେ ବିଶ୍ୱସନାତନ




ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ଧର୍ମ ସେବା ଟ୍ରଷ୍ଟର ଚେୟାରମ୍ୟାନ ପଣ୍ଡିତ କାଶୀନାଥ ମିଶ୍ର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସାଧୁସନ୍ଥମାନଙ୍କୁ ଏକତ୍ରିତ କରି ଭାରତ ବର୍ଷରେ ସନାତନ ଧର୍ମ ରକ୍ଷା କରିବା, ହିନ୍ଦୁଧର୍ମର ମୂଳ ଲକ୍ଷ୍ୟକୁ ସଂଗଠିତ କରିବା, ମଠ ମନ୍ଦିର ସଂରକ୍ଷଣ ସହିତ ସୁରକ୍ଷା ପ୍ରଦାନ କରିବା, ଗୋମାତାକୁ ରାଷ୍ଟ୍ରମାତା ଭାବେ ସ୍ୱୀକୃତି ପ୍ରଦାନ କରିବାକୁ ଦାବି କରିବା, ଗ୍ରାମେ ଗ୍ରାମେ ଗୋ-ଶାଳା ପ୍ରତିଷ୍ଠା କରି ଗୋ-ମାତାଙ୍କୁ ସୁରକ୍ଷା ଦେବା, ସାଧୁସନ୍ଥଙ୍କୁ ସୁରକ୍ଷା ଓ ସମ୍ମାନ ପ୍ରଦାନ କରିବା, ଭାରତବର୍ଷ ତଥା ଓଡିଶାର ବିଭିନ୍ନ ଜିଲାରେ ଥିବା ମଠ ମନ୍ଦିରରେ ଆମିଷ ଦ୍ରବ୍ୟକୁ ନିଷେଧ କରିବା, ପୁରୀର ପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରର ୧୦କିଲୋ ମିଟର ବ୍ୟାସାର୍ଦ୍ଧ ମଧ୍ୟରେ ଆମିଷ ହୋଟେଲ ନିଷେଧ କରିବା, ଆମିଷ କାଟିବା ପ୍ରଭୃତି ବନ୍ଦ କରିବା, ବେଦର ସୁରକ୍ଷା କରିବା, ରାଷ୍ଟ୍ରର ସୁରକ୍ଷା କରିବା ସମେତ ୧୭ ଦାବି ନେଇ ସାଧୁସନ୍ଥ ସମ୍ମିଳନୀ ଆୟୋଜନ କରାଯିବ ବୋଲି ମିଶ୍ର କହିଛନ୍ତି। ଏହି ୧୭ ଦାବି ସମ୍ପର୍କରେ ବିଶ୍ୱସନାତନ ଧର୍ମ ସେବା ଟ୍ରଷ୍ଟ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅବଗତ କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ମା'ଶାରଳା ପୀଠର ସତ୍ୟାନନ୍ଦ ଦାଶ, ସୁଧର୍ମା ମହାସଭାର ସଭାପତି ପାଣ୍ଡବ ଚରଣ ବାବୁ, ଜଗତ୍‌ସିଂହପୁରର ଚକ୍ରଧର ବାବା ସମେତ ଅନ୍ୟାନ୍ୟ ସନାତନ ପ୍ରେମୀ ଯୋଗଦେଇଥିଲେ। ମହାବୀର ଜିମ୍ନାସିୟର ଅଧ୍ୟକ୍ଷ ନୀଳକଣ୍ଠ ମିଶ୍ର(କାବୁଲି ନନା) ଓ ତାଙ୍କ ଛାତ୍ରମାନେ ସହଯୋଗ କରିଥିଲେ।

# ଟାଟା ଷ୍ଟିଲ୍ ପକ୍ଷରୁ ଅନ୍ତର୍ଜାତୀୟ ଗ୍ରାମୀଣ ମହିଳା ଦିବସ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଟାଟା ଷ୍ଟିଲ୍‌ର ଅଧିକାରୀ ଓ ଅନ୍ୟମାନେ।

କାଳିଆପାଣି,୧୫ା୧୦(ଅସିତ ମହାନ୍ତ):

ଟାଟାଷ୍ଟିଲ୍ ଫାଉଣ୍ଡେଶନ ପକ୍ଷରୁ ସୁକିନ୍ଦା କ୍ରୋମାଇଟ ଖଣି ପରିସରରେ ଅନ୍ତର୍ଜାତୀୟ ଗ୍ରାମୀଣ ମହିଳା ଦିବସ ପାଳିତ ହୋଇଯାଇଛି। ଜଳବାୟୁ ସହନଶୀଳତା ବୃଦ୍ଧି ପାଇଁ ଗ୍ରାମୀଣ ମହିଳାମାନେ କିଭଳି ଦୀର୍ଘସ୍ଥାୟୀ ମୃତ୍ତିକା ଓ ସମ୍ପଦର ଉପଯୁକ୍ତ ବ୍ୟବହାର କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିପାରିବେ ସେନେଇ କାର୍ଯ୍ୟକ୍ରମରେ ଆଲୋକପାତ କରାଯାଇଛି। ଏଥିରେ ଟାଟା ଷ୍ଟିଲ ଏଫ୍‌ଏଏମ୍‌ଡି ଖଣି ମୁଖ୍ୟ ଶମ୍ଭୁନାଥ ଝା' ମୁଖ୍ୟଅତିଥି ଭାବେ ଯୋଗଦେଇ ରାଷ୍ଟ୍ର ଗଠନରେ ଗ୍ରାମୀଣ ମହିଳାମାନଙ୍କ ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ। କମ୍ପାନୀର ବରିଷ୍ଠ ଆଞ୍ଚଳିକ ପ୍ରବନ୍ଧକ ଅଞ୍ଜନା ତିୱାରୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ଗ୍ରାମ୍ୟ ଉନ୍ନୟନରେ ମହିଳାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଓଡ଼ିଶା ଜୀବିକା ମିଶନ (ଓଏଲ୍‌ଏମ୍) ଏବଂ ୱାନ ଷ୍ଟପ ସେଣ୍ଟର (ସଖୀ)ର ବିଶେଷଜ୍ଞମାନେ ଯୋଗଦେଇ ଗ୍ରାମୀଣ ମହିଳାମାନଙ୍କୁ ମିଳୁଥିବା ସରକାରୀ ଯୋଜନା ଓ ସୁବିଧା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବହୁବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଯୋଗଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ସମାଜ ପାଇଁ ଉନ୍ନତିମୂଳକ କାର୍ଯ୍ୟ କରିଥିବା ସୁକିନ୍ଦା, କଳିଙ୍ଗନଗର ଓ କେନ୍ଦୁଝର ଜିଲା ବ୍ରାହ୍ମଣୀପାଳ ଅଞ୍ଚଳର ଶତାଧିକ ଗ୍ରାମୀଣ ମହିଳା ଏହି କାର୍ଯ୍ୟକ୍ରମରେ ଭାଗନେଇଥିଲେ।

# ପ୍ରବାସରେ ଡେଟା ଅପ୍‌ଡେଟ୍ ନାଁରେ ମଗାଯାଉଛି ଲାଞ୍ଚ

## ପ୍ରବାସୀ ଓଡ଼ିଆଙ୍କୁ ଘାରିଛି ରାଶନ କାର୍ଡ କେୱାଇସି ଅପ୍‌ଡେଟ୍ ଚିନ୍ତା

ପଟ୍ଟାମୁଣ୍ଡାଇ, ୧୫।୧୦(କଳ୍ପତରୁ ନାୟକ)

ରାଶନ କାର୍ଡଧାରୀମାନେ ଇ-କେୱାଇସି କରିବା ବାଧ୍ୟତାମୂଳକ ବୋଲି ଓଡ଼ିଶା ସରକାର ଘୋଷଣା କଲାପରେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ବାହାରେ ରହୁଥିବା ପ୍ରବାସୀ ଚିନ୍ତାରେ ପଡ଼ି ଯାଇଛନ୍ତି। ତେବେ ଏହାର ଫାଇଦା ନେଇ ପଟ୍ଟାମୁଣ୍ଡାଇ ଅଞ୍ଚଳର କେତେଜଣ ଡିଲର ବାହାର ରାଜ୍ୟ ବୁଲି ଇ-କେୱାଇସି କରିବା ସହ ମୁଣ୍ଡ ପିଛା ୫୦୦ରୁ ୧୦୦୦ଟଙ୍କା ନେଇଥିବା ଦୁର୍ଗାପୂଜା ପାଇଁ ଘରକୁ ଆସିଥିବା ପ୍ରବାସୀମାନେ ଅଭିଯୋଗ ଆଣିଛନ୍ତି।

ସେମାନଙ୍କ କହିବା ଅନୁଯାୟୀ, ଖୁବ୍ କମ୍‌ଦିନ ହେବ ଭୋଟଦେଇ ରାଜ୍ୟ ବାହାରକୁ ପେଟପାଟଣା ପାଇଁ ଖଟିବାକୁ ଯାଇଛୁ। ଏହାରି ଭିତରେ ରାଜ୍ୟ ସରକାର ରାଶନ କାର୍ଡଧାରୀଙ୍କ ପାଇଁ ଇ-କେୱାଇସି ବାଧ୍ୟତାମୂଳକ ଘୋଷଣା କଲେ। ଯଦି ଇ-କେୱାଇସି କରା ନ ଯାଏ ତେବେ ରାଶନ କାର୍ଡ କଟିଯିବ ବୋଲି ନିଜ ନିଜ ଅଞ୍ଚଳର ଡିଲରମାନଙ୍କ ପକ୍ଷରୁ ଚେତାବନୀ ଦିଆଗଲା। ହେଲେ ଖୁବକମ୍ ଦିନ ହେବ କାମରେ ଯୋଗଦେଇଥିବାରୁ ରାଶନ ଇ-କେୱାଇସି କରିବା ପାଇଁ ଛୁଟି ନେଇ ଖର୍ଚ୍ଚାନ୍ତ ହୋଇ ଗାଁକୁ ଆସିବା ସମ୍ଭବ ହେଉ ନ ଥିଲା। ମାତ୍ର ଏହାର କିଛିଦିନ ପରେ ଯେଉଁ ଯେଉଁ ଅଞ୍ଚଳର ଡିଲର ସେମାନଙ୍କ ପାଖେ ପହଞ୍ଚି ଇ-କେୱାଇସି ମେଶିନ ଧରି ଶୋଷଣ କରିବା ଆରମ୍ଭ କଲେ। ସେଠାରେ ଥିବା ବଡ଼ବଡ଼ ହୋଟେଲରେ ରହି ନିଜ ନିଜ ହିତାଧିକାରୀଙ୍କୁ ଯୋଗାଯୋଗ କଲେ। ଯେଉଁ ହିତାଧିକାରୀ ପଇସା ଦେଲେ ମେଶିନରେ ତାଙ୍କ ନାଁ ଓ କାର୍ଡ ନମ୍ବର ସହ ଟିପ ଚିହ୍ନ ମିଶାଇ ଦିଆଗଲା। ମାତ୍ର ଯିଏ ପଇସା ଯୋଗାଡ଼ରେ ବିଳମ୍ବ କଲେ ତାଙ୍କର କେୱାଇସି ଅପଡେଟ କରାଗଲା ନାହିଁ। ଫଳରେ ସେ ରାଶନ କାର୍ଡରୁ ବଞ୍ଚିତ ରହିବେ ବୋଲି ଡିଲରମାନେ ଡରେଇ ଅନ୍ୟ ରାଜ୍ୟକୁ ପଳାଇ ଗଲେ।

ସାମାଜିକ କର୍ମୀ ସ୍ୱରୂପାନନ୍ଦ ସାମଲ, ରବୀନ୍ଦ୍ର ଭଞ୍ଜ, ବୁଦ୍ଧିଜୀବୀ ପ୍ରେମାନନ୍ଦ ପଣ୍ଡା, ଉପେନ୍ଦ୍ର ନାୟକ କହିଛନ୍ତି, ଏ ସମସ୍ୟାର ସମାଧାନ ପାଇଁ ପ୍ରବାସୀ ଓଡ଼ିଆ ଶ୍ରମିକ ରହୁଥିବା ରାଜ୍ୟର କେତେକ ପ୍ରମୁଖ ସହରକୁ ସରକାର ଟିମ୍ ପଠାଇବାକୁ ବିଚାର କରୁଛନ୍ତି ବୋଲି କିଛିଦିନ ପୂର୍ବରୁ ଯୋଗାଣ ମନ୍ତ୍ରୀ କହିଥିଲେ। ମାତ୍ର ଅଦ୍ୟାବଧି ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ଏବେ ବି ବହୁ ଡିଲର ବାହାର ରାଜ୍ୟରେ ଦଲାଲି କରୁଛନ୍ତି।


ଇ କେୱାଇସି ଲାଗି ବ୍ୟବହାର ହେଉଥିବା ମେଶିନ।

ସରକାରଙ୍କ ବିନା ଅନୁମତିରେ ଡିଲରମାନେ ରାଜ୍ୟ ବାହାରକୁ ମେଶିନ ନେଇ କିଭଳି ରାଶନ କାର୍ଡ ଅପଡେଟ କରୁଛନ୍ତି। ଏ ବାବଦକୁ ୫୦୦ରୁ ୧୦୦୦ ଟଙ୍କା ଆଦାୟ କରୁଛନ୍ତି। ତେବେ କାହା ପରାମର୍ଶରେ ଏଭଳି ଦୁର୍ନୀତି ଚାଲିଛି ତାହାକୁ ନେଇ ପ୍ରଶ୍ନ ଉଠିଛି। ରାଜ୍ୟ ସରକାର ଏହା ଉପରେ ଦୃଷ୍ଟି ଦେଇ ଅର୍ଥ ଆଦାୟ କରିଥିବା ବା କରୁଥିବା ଏହି ଦଲାଲମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନେବା ସହ କିଭଳି ପ୍ରବାସୀ ଓଡ଼ିଆମାନେ ଇ-କେୱାଇସି କରିପାରିବେ ସେନେଇ ଏକ ବ୍ୟବସ୍ଥା କରିବା ଜରୁରୀ ହୋଇପଡ଼ିଛି ବୋଲି ବିଭିନ୍ନ ମହଲରୁ ଦାବି ହୋଇଛି।

ରାଶନ କାର୍ଡଧାରୀଙ୍କ ଇ-କେୱାଇସି ଯାଞ୍ଚ ପ୍ରକ୍ରିୟା ଆସନ୍ତା ୧୫ରୁ ୨୦ ଦିନ ମଧ୍ୟରେ ଶେଷ ହେବ ବୋଲି ଖାଦ୍ୟ ଯୋଗାଣ ତଥା ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗତ ଶନିବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ୨.୩୦ କୋଟିରୁ ଅଧିକ ଇ-କେୱାଇସି ଯାଞ୍ଚ ସଫଳ ହୋଇଛି। ୧ କୋଟି ଯାଞ୍ଚ ପ୍ରକ୍ରିୟା ଶେଷ ହେବା ପରେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ନୂଆ ରାଶନ କାର୍ଡ ପ୍ରଦାନ କରାଯିବ। ଏହି ଇ-କେୱାଇସି ପ୍ରକ୍ରିୟା ହିତାଧିକାରୀ ତାଲିକାରୁ ଅଯୋଗ୍ୟ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବାରେ ସାହାଯ୍ୟ କରିବ ବୋଲି ମନ୍ତ୍ରୀ ପାତ୍ର କହିଛନ୍ତି। ହେଲେ ଦେଶ ବାହାରେ ରହୁଥିବା ଶ୍ରମିକଙ୍କ ପରିବାର ଲୋକେ କିନ୍ତୁ ବେଶି ଚିନ୍ତାରେ ଅଛନ୍ତି। ନା ସେମାନଙ୍କ ପାଖରେ ଡିଲର ପହଞ୍ଚି ପାରୁଛନ୍ତି ନା ସରକାର ସେମାନଙ୍କ ପାଇଁ କିଛି ସୁବିଧା କରିଛନ୍ତି। ସେମାନେ ରାଶନକାର୍ଡ କଟିଯିବା ଡରରେ ରହିଛନ୍ତି ବୋଲି ବିଦେଶରେ ରହିଥିବା କେତେଜଣ ପରିବାରଙ୍କ ପକ୍ଷରୁ କୁହାଯାଇଛି। ଏ ନେଇ ସିଏସ୍‌ଓ ଶ୍ରୀନିବାସ ସାହୁଙ୍କୁ ପଚାରିବାରୁ ଏଗୁଡ଼ାକ ମିଛ ଖବର। ଯଦି ସେପରି କିଛି ହେଉଥାଏ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ଯୌତୁକ ନିର୍ଯାତନା ଅଭିଯୋଗ ଆଣିଲେ ପୂର୍ବତନ ବିଧାୟକଙ୍କ ଝିଅ

ଆଳି, ୧୫।୧୦(ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ଝିଅ ଡା. ଦେବସ୍ମିତା ଶର୍ମାଙ୍କୁ ତାଙ୍କ ଶାଶୁଘର ଲୋକ ଯୌତୁକ ଲାଗି ନିର୍ଯାତନା ଦେବା ସହ ବିଭିନ୍ନ ସମୟରେ ମାରିଦେବାକୁ ଉଦ୍ୟମ କରିଥିବା ନେଇ ଆଳି ଥାନାରେ ଅଭିଯୋଗ ହୋଇଛି। ଡାକ୍ତର ଦେବସ୍ମିତା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ଗତ ୨୦୨୨ ମସିହା ଡିସେମ୍ବର ୧୪ରେ ଡାକ୍ତର ରାହୁଲ ପ୍ରତାପ ରାୟଙ୍କ ସହ ବୈଦିକ ମତେ ବିବାହ ଅନୁଷ୍ଠିତ ହୋଇଥିଲା। ବିବାହ ପରେ କଟକ ସହର ପେଟିନସାହି ବକ୍ସିବଜାରରେ ଶାଶୁଘରେ ରହୁଥିଲେ। ବିବାହର ମାତ୍ର ୨୦ରୁ ୨୫ ଦିନ ପରେ ଶାଶୁ, ଶ୍ୱଶୁର, ଦିଅର, ପିଉସୀପିଉସାମାନେ ତାଙ୍କୁ ଯୌତୁକ ନିମନ୍ତେ ମାଡ଼ ଗାଳି ଦେବା ଆରମ୍ଭ କରିଥିଲେ। ଡାକ୍ତର ଶର୍ମା ନିଜ ବାପାଙ୍କ ସମ୍ମାନକୁ ଲକ୍ଷ୍ୟ କରି ଚୁପ ରହୁଥିବାରୁ ଦିନକୁ ଦିନ ଶାଶୁଘର ପକ୍ଷରୁ ନିର୍ଯାତନା ବଢ଼ି ଚାଲିଥିଲା। ତାଙ୍କ ସ୍ୱାମୀ ଡା. ରାହୁଲ ପ୍ରତାପ ରାୟ ପ୍ରତ୍ୟେକ ଦିନ ମଦ୍ୟପାନ କରି ତାଙ୍କୁ ମାଡ଼ ମାରିବା ସହ ଗାଳି ଗୁଲଜ କରୁଥିଲେ। ତାଙ୍କ ବାପା ପୂର୍ବରୁ ବିଧାୟକ ଥିବାରୁ ଶାଶୁଘର ଲୋକ ବାପଘରୁ ୫୦ ଲକ୍ଷ ଟଙ୍କା ଆଣିବାକୁ ବାଧ୍ୟ କରୁଥିଲେ। ଏ ନେଇ ସେ ଟଙ୍କା ପାଇଁ ବାପାଙ୍କୁ ଜଣାଇବା ପରେ ତାହା ଦେବାକୁ ସେ ସକ୍ଷମ ନୁହେଁ ବୋଲି ଜାଣିବା ପରେ ଶାଶୁଘର ଲୋକ ତାଙ୍କୁ ମାଡ଼ ମାରିବା ସହ ଗାଳି ଗୁଲଜ ଆରମ୍ଭ କରି ଦେଇଥିଲେ। ତାଙ୍କ ସ୍ୱାମୀ ମଦ୍ୟପାନ କରି ଘରକୁ ଆସି ତାଙ୍କୁ ମଦ ପିଇବାକୁ ବାଧ୍ୟ କରୁଥିବା ବେଳେ ସେ ପ୍ରତିବାଦ କରିବାରୁ ତାଙ୍କୁ ସିଗାରେଟ ଚେଙ୍କ ଦିଆଯାଉଥିବା ନେଇ ଅଭିଯୋଗରେ ଦର୍ଶାଇଛନ୍ତି। ସେ ବାହାରେ ଚାକିରି କରିଥିବାରୁ ତାଙ୍କର ସମସ୍ତ ସୁନା ରୁପା ଶାଶୁଙ୍କ ନିକଟରେ ରହିଥିଲା। ତାଙ୍କୁ ସେମାନେ ବିକ୍ରି କରି ଘର କାମରେ ଲଗାଇବା ସହ ତାଙ୍କ ଦରମା ଟଙ୍କା ସ୍ୱାମୀ ନେଇଯାଆନ୍ତି। ବାପଘର ଲୋକ ଦୁଇଦୁଇ ଥର ଘଟଣାର ଆପୋସ ସମାଧାନ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କ ସ୍ୱାମୀ ତାଙ୍କ ଉପରେ ପଶୁ ଭଳି ବ୍ୟବହାର କରୁଥିବାରୁ ସେ ନିଃସହାୟ ହୋଇ ପଡ଼ିଛନ୍ତି। ତେଣୁ ସେ ଆଳି ଥାନାରେ ତାଙ୍କ ସ୍ୱାମୀ ଡାକ୍ତର ରାହୁଲ ପ୍ରତାପଙ୍କ ସହ ସମସ୍ତ ପରିବାର ସଦସ୍ୟଙ୍କ ନାମରେ ଲିଖିତ ଅଭିଯୋଗ ଦେଇ ନ୍ୟାୟ ଭିକ୍ଷା କରିଛନ୍ତି। ଏ ନେଇ ଆଳି ଥାନା ଆଇଆଇସି ସବ୍ୟସାଚୀ ଶତପଥୀଙ୍କୁ ପଚାରିବାରୁ ସେ କହିଛନ୍ତି, ଡାକ୍ତର ଶର୍ମାଙ୍କ ଅଭିଯୋଗ ଆସିବା ପରେ ନଂ. ୬୨୪/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ଡାକ୍ତର ଶର୍ମା କିମ୍ବା ତାଙ୍କ ଶାଶୁଘର ଲୋକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ପୋଖରୀରେ ବୁଡ଼ି ଶିକ୍ଷାବିତ୍‌ଙ୍କ ମୃତ୍ୟୁ

ରାଜନଗର, ୧୫।୧୦(ଭାସ୍କର ରାଉତରାୟ)

ରାଜନଗର ଥାନା ଡାଙ୍ଗମାଳ ପଞ୍ଚାୟତ ରଗଡ଼ାପାଟିଆ ଗାଁର ସୁଶାନ୍ତ କୁମାର ବେହେରା (୭୪) ପୋଖରୀରେ ବୁଡ଼ି ଯିବାରୁ ମୃତ୍ୟୁ ଘଟିଛି। ଶିକ୍ଷକତାରୁ ଅବସର ଗ୍ରହଣ କରିବା ପରେ ବାସ୍ତୁଶାସ୍ତ୍ର, ଜ୍ୟୋତିଷ ଶାସ୍ତ୍ର ଓ କବିରାଜି ଚିକିତ୍ସାରେ ସମୟ କାଟୁଥିଲେ। ନିଜ ଘରଠାରୁ ଅଳ୍ପ କିଛି ଦୂରରେ ପୋଖରୀରେ ମାଛ ଚାଷ କରିଥିଲେ। ସେଠାରେ ଥିବା ଘରେ ମଝିରେ ମଝିରେ ରାତ୍ରିଯାପନ କରିଥାନ୍ତି। ସେହି ଘରେ ଥିବାବେଳେ ସକାଳେ ତାଙ୍କୁ ପୋଖରୀରେ ଭାସୁଥିବା ଦେଖିବାକୁ ମିଳିଥିଲା। ପୋଖରୀ ନିକଟକୁ ଯାଇଥିବା ବେଳେ କୌଣସି କାରଣ ବଶତଃ ପୋଖରୀକୁ ଖସିପଡ଼ି ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକଙ୍କ ପକ୍ଷରୁ କୁହାଯାଉଛି। ପୋଲିସ ମୃତଦେହ ଜବତ କରି ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର ପରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ଦୁଇପୁଅ ସତ୍ୟବ୍ରତ, ଦେବବ୍ରତ ଓ ଜ୍ୱାଇଁ ତପନ କୁମାର ଗନ୍ତାୟତ, ସୁଶାନ୍ତ କୁମାର ଭୂୟାଁ, ଦିବ୍ୟେନ୍ଦୁ ବେହେରାଙ୍କ ସମେତ ବନ୍ଧୁ ଓ ପରିଜନ ଉପସ୍ଥିତ ଥିଲେ। ସେ ଜଣେ ଆଦର୍ଶ ଶିକ୍ଷକ ଭାବେ ଅଞ୍ଚଳରେ ସୁନାମ ଅର୍ଜନ କରିଥିଲେ। ଶିକ୍ଷକତା ପରେ ତାଙ୍କର ସମାଜସେବାକୁ ଲୋକେ ଝୁରୁଛନ୍ତି।

# କିଡ୍‌ନୀ ରୋଗରେ ଆକ୍ରାନ୍ତ ସନ୍ତୋଷଙ୍କ ଚିକିତ୍ସାରେ ଅର୍ଥ ବାଧକ


ସ୍ତ୍ରୀ, ପୁଅଙ୍କ ସହ କିଡ୍‌ନୀ ରୋଗରେ ପୀଡ଼ିତ ସନ୍ତୋଷ।

ଡେରାବିଶ, ୧୫।୧୦(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ଛଟିଣା ଗ୍ରାମରେ ସନ୍ତୋଷ କୁମାର ଭୂୟାଁ (୪୯) ବାହାର ରାଜ୍ୟରେ ଦାଦନ ଖଟି ନିଜ ପରିବାର ପ୍ରତିପୋଷଣ କରୁଥିଲେ। ଏବେ ସେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଅର୍ଥାଭାବରୁ ଚିକିତ୍ସାରୁ ବଞ୍ଚିତ ହୋଇଛନ୍ତି। ବାହାର ରାଜ୍ୟରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ସନ୍ତୋଷଙ୍କ ରୋଜଗାରରେ ନିଜ ପରିବାର ହସଖୁସିରେ ଦିନ କଟାଉଥିବା ବେଳେ ଏବେ ଅର୍ଥାଭାବ ପାଇଁ ପରିବାର ଉପରେ କଳାବାଦଲ ଘୋଟି ଆସିଛି।

ସନ୍ତୋଷ ଆନ୍ଧ୍ରରେ ରଙ୍ଗ ମିସ୍ତ୍ରି ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲେ। ମାତ୍ର ଜୁନ ମାସରେ ପ୍ରଥମେ ସନ୍ତୋଷ ହଠାତ ଜ୍ୱରରେ ଆକ୍ରାନ୍ତ ହୋଇ ଚିକିତ୍ସା ପାଇଁ ଡାକ୍ତରଙ୍କୁ ଭେଟିଥିଲେ। ବିଭିନ୍ନ ପରୀକ୍ଷା ପରେ ସେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଥିବା ନେଇ ଡାକ୍ତର ସ୍ପଷ୍ଟ କରି ଦେଇଥିଲେ। ପରେ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୀଘ୍ର ଆରୋଗ୍ୟ ହେବା ଆଶାରେ ଦୀର୍ଘ ୫ ମାସ ହେବ ଡାଏଲେସିସ ଚିକିତ୍ସାରେ ରହିଛନ୍ତି। ଏହା ବହୁ ବ୍ୟୟବହୁଳ ହୋଇଥିବାରୁ ତାଙ୍କ ପରିବାରର ସମସ୍ତ ସଞ୍ଚିତ ଅର୍ଥ ଏଥିପାଇଁ ଖର୍ଚ୍ଚ ହୋଇସାରିଲାଣି। ସ୍ୱାମୀଙ୍କୁ ଆରୋଗ୍ୟ କରିବାକୁ ସ୍ତ୍ରୀ ଶକୁନ୍ତଳା ନିଜର ସମସ୍ତ ଅଳଙ୍କାର ବିକ୍ରି କରି ଚିକିତ୍ସାରେ ସାରିଦେଲେଣି। ହେଲେ ସନ୍ତୋଷଙ୍କ ଚିକିତ୍ସା ପାଇଁ ଆହୁରି ଅଧିକ ଅର୍ଥ ଆବଶ୍ୟକ ହେଉଥିବାରୁ ତାହା ଯୋଗାଡ଼ କରିବା ପରିବାର ପକ୍ଷରେ ଆଉ ସମ୍ଭବପର ହୋଇପାରୁନାହିଁ। ଫଳରେ ସନ୍ତୋଷଙ୍କ ଚିକିତ୍ସା ପାଇଁ ବର୍ତ୍ତମାନ ଅର୍ଥ ବାଧକ ସାଜିଲାଣି। ଏଭଳି ଦୁର୍ଦ୍ଦିନ ଅବସ୍ଥାରେ ଏକମାତ୍ର କଲେଜ ପଢୁଆ ପୁଅ ଶୁଭେନ୍ଦୁର ପାଠ ପଢ଼ାରେ ମଧ୍ୟ ଡୋରି ବନ୍ଧା ହେବାର ସମ୍ଭାବନା ସୃଷ୍ଟି ହୋଇଛି। ପରିବାରର ଏକମାତ୍ର ରୋଜଗାରକ୍ଷମ ଥିବା ସନ୍ତୋଷଙ୍କ ଚିକିତ୍ସା ପାଇଁ କୌଣସି ବଦାନ୍ୟ ବ୍ୟକ୍ତି କିମ୍ବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହାୟତାର ହାତ ବଢ଼ାଇଲେ ସନ୍ତୋଷଙ୍କ ଚିକିତ୍ସାରେ ଅଗ୍ରଗତି ହୋଇପାରନ୍ତା।

# ୬ ସମିତି ସଭ୍ୟ ଭାଜପାରେ ଯୋଗଦେବା ଖବରକୁ ବିଜେଡିର ଖଣ୍ଡନ


ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ଫଟୋରେ ସମିତିସଭ୍ୟମାନେ।

ପଟ୍ଟାମୁଣ୍ଡାଇ, ୧୫।୧୦(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତିର ୬ଜଣ ବିଜେଡି ସମର୍ଥିତ ସମିତି ସଭ୍ୟ ଶାସକ ଦଳ ଭାଜପାରେ ସାମିଲ ହୋଇଥିବା ନେଇ ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଖବରକୁ ବିଜେଡି ପକ୍ଷରୁ ଖଣ୍ଡନ କରାଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁ ମଙ୍ଗଳବାର ରାତ୍ରିରେ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି ଯେ, ଗତ ୨୦୨୨ ପଞ୍ଚାୟତ ନିର୍ବାଚନରେ ଖଡ଼ିଅଣ୍ଟା ପଞ୍ଚାୟତରେ ବିଜେଡି ସମର୍ଥିତ ପ୍ରାର୍ଥୀ ଭାବେ ମମତା ରାଉତ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ଭାଜପା ସମର୍ଥିତ ପ୍ରାର୍ଥୀ ଲିଲି ମଲିକ ବିଜୟୀ ହୋଇଥିଲେ। ଅରଡ଼ପଲ୍ଲୀ ପଞ୍ଚାୟତରେ ବିଜେଡି ସମର୍ଥିତ ପ୍ରାର୍ଥୀ ମମତା ଘଡାଇ ଥିବାବେଳେ ଭାଜପା ସମର୍ଥିତ ପ୍ରାର୍ଥୀ ସରିତା ବେହେରା ବିଜୟୀ ହୋଇଥିଲେ। ଡାମରପୁର ପଞ୍ଚାୟତରେ ବିଜେଡି ସମର୍ଥିତ ପ୍ରାର୍ଥୀ କ୍ଷୀରୋଦବାଳା ରାଉତ ଥିବାବେଳେ ଭାଜପା ସମର୍ଥିତ ପ୍ରାର୍ଥୀ ନିରୁପମା ସାହୁ ବିଜୟୀ ହୋଇଥିଲେ। ଦୋଷିଆ ସମିତି ସଭ୍ୟା ଆରତୀ ସାହୁ ଓ ଶ୍ରୀରାମପୁର ସମିତି ସଭ୍ୟ ବିଜେଡିର ପ୍ରାଥମିକ ସଭ୍ୟ ହୋଇ ନ ଥିବାବେଳେ ଓଉପଦା ସମିତି ସଭ୍ୟା ଭାଜପା ମିଶ୍ରଣ ପର୍ବରେ ଅନୁପସ୍ଥିତ ଥିଲେ। ମାତ୍ର ତାଙ୍କ ନାମ ପ୍ରଚାର କରିବା ହାସ୍ୟାସ୍ପଦ ବୋଲି ବ୍ଲକ ବିଜେଡି ସଭାପତି ସାହୁ ପ୍ରକାଶ କରିବା ସହ ଭାଜପା ଦଳ ମିଥ୍ୟା ପ୍ରଚାର କରି ଜନମତକୁ ବିଭ୍ରାନ୍ତ କରିବାକୁ ଉଦ୍ୟମକୁ କରୁଥିବାରୁ ଦୃଢ଼ ନିନ୍ଦା କରିଛନ୍ତି।

# ହଂସୁଆ କଳା ପ୍ରତିଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ


ପିଲାମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ।

ରାଜନଗର, ୧୫।୧୦(ଭାସ୍କର ରାଉତରାୟ)

ରାଜନଗରର ଅଗ୍ରଣୀ କଳା ଅନୁଷ୍ଠାନ ହଂସୁଆ କଳା ପ୍ରତିଷ୍ଠାନ ପକ୍ଷରୁ ଶାରଦୀୟ ଦୁର୍ଗାପୂଜା ଅବସରରେ ଧନଲକ୍ଷ୍ମୀ ପୀଠରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁରୁ ବିଶ୍ୱଜିତ କୁଣ୍ଡ ଏବଂ ବୈଲୋଚନ ଜେନାଙ୍କ ନେତୃତ୍ୱରେ ଓଡ଼ିଶୀ, ସମ୍ବଲପୁରୀ ପ୍ରଭୃତି ନୃତ୍ୟ ପ୍ରଦର୍ଶନ କରି ଉପସ୍ଥିତ ଥିବା ଦର୍ଶକଙ୍କ ମନମୁଗ୍ଧ କରିଥିଲେ। ଅନୁଷ୍ଠାନର କଳାକାର ଅଙ୍କିତ ପ୍ରିୟଦର୍ଶିନୀ ରାଉତ, ଲୋପାମୁଦ୍ରା ଧଳ, ପ୍ରିୟଦର୍ଶିନୀ ଦାସ, ରୂପାଲି ରାଉତ, ସାଇ ଶ୍ରାବଣୀ ସ୍ୱାଇଁ, କାଜଲ ଜେନା, ତନୁଶ୍ରୀ ଦାସ, ମଧୁସ୍ମିତା ଦାସ, ଦେବେନ୍ଦ୍ର ତରାଇ, ରାକେଶ ରାଉତ ପ୍ରମୁଖ କଳାକାର ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଶତ୍ରୁଘନ ତରାଇ, ଶାନ୍ତନୁ ସ୍ୱାଇଁ, ବିନୋରୀ ଜେନା, ଧନଲକ୍ଷ୍ମୀ କମିଟିର ସଭାପତି ନିଗମାନନ୍ଦ ନାୟକ, ବ୍ରଜମୋହନ ମହାନ୍ତି, ମାନସ ବାରିକ, ସୁରେନ୍ଦ୍ର ସାହୁ ପରିଚାଳନାରେ ସହଯୋଗ କରିଥିଲେ।

# ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁନାହାନ୍ତି କନିଷ୍ଠ ଯନ୍ତ୍ରୀ

## ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ

ନାଉଗାଁ, ୧୫।୧୦(ସୁଧା ବେହୁରା)

ନାଉଗାଁ ବ୍ଲକ କୋରୁଅ ପଞ୍ଚାୟତ କାର୍ଯ୍ୟାଳୟକୁ ଆସୁନାହାନ୍ତି ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ। ଫଳରେ ଉନ୍ନୟମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁନାହିଁ ବୋଲି ମଙ୍ଗଳବାର ସମିତିସଭ୍ୟ ପପୁ ରଞ୍ଜନ ମଲିକ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ମୁତାବକ, ସମ୍ପୃକ୍ତ ଯନ୍ତ୍ରୀଙ୍କୁ ପଞ୍ଚାୟତ ଅବା ବ୍ଲକ କାର୍ଯ୍ୟାଳୟରେ ଦେଖିବାକୁ ମିଳୁନାହିଁ। ସରକାରୀ ନିୟମାନୁସାରେ ସପ୍ତାହକୁ ୨ ଥର ଯନ୍ତ୍ରୀ ଗ୍ରାମପଞ୍ଚାୟତକୁ ଆସି ସରକାରଙ୍କ ଦ୍ୱାରା ଚାଲୁଥିବା ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା କଥା। କିନ୍ତୁ ସେ ଆଦୌ ନ ଆସୁଥିବାରୁ ଉନ୍ନୟନମୂଳକ କାର୍ଯ୍ୟ ଏକ ପ୍ରକାର ଠପ୍ ହେବାକୁ ବସିଲାଣି। ଏହାର ତଦନ୍ତ କରି ଯନ୍ତ୍ରୀଙ୍କୁ ପଞ୍ଚାୟତକୁ ଯିବା ଲାଗି ନିର୍ଦ୍ଦେଶ ଦେବାକୁ ପପୁ ଦାବି କରିଛନ୍ତି। ଏବିଷୟରେ ବିଡିଓ ତପନ ମହାପାତ୍ରଙ୍କୁ ପଚାରିବାରେ ସମ୍ପୃକ୍ତ ଯନ୍ତ୍ରୀ କାହିଁକି ପଞ୍ଚାୟତ କାର୍ଯ୍ୟାଳୟକୁ ଯାଉନାହାନ୍ତି ତାଙ୍କ ସହ ଆଲୋଚନା କରିବା ପରେ ଜଣାପଡ଼ିବ। ଏହାପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

# ଭାଜପାରେ ମିଶିଲେ କୁରୁଣ୍ଟି ପଞ୍ଚାୟତର ବିଜେଡି, କଂଗ୍ରେସ କର୍ମୀ


ନେତାଙ୍କ ଗହଣରେ ଭାଜପାରେ ସାମିଲ ହୋଇଥିବା ବିଜେଡି, କଂଗ୍ରେସର କର୍ମୀମାନେ।

ରାଜନଗର, ୧୫।୧୦(ଭାସ୍କର ରାଉତରାୟ)

ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତର ନାଥପୁରସ୍ଥିତ ଅଷ୍ଟଶମ୍ଭୁ ମନ୍ଦିର ପରିସରରେ ଭାଜପା ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ୨୦ରୁ ଉର୍ଦ୍ଧ୍ୱ କଂଗ୍ରେସ ଓ ବିଜେଡି କର୍ମୀ ଭାଜପାରେ ଯୋଗଦେଇଥିଲେ। ପଞ୍ଚାୟତ ଭାଜପା ସଭାପତି କରୁଣାକର ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ଦଳର ବରିଷ୍ଠ ନେତା ତଥା ଜିଲା ଉପସଭାପତି ସଦାଶିବ ଜେନା, ଯୁବନେତା ଦିଲୀପ କୁମାର ପାଳ, ବରିଷ୍ଠ ନେତା ବିଜୟ ବଳ, ମଙ୍ଗୁଳି ଚରଣ ମହାନ୍ତି, କ୍ରୀଷ୍ଟା ବେହେରା ପ୍ରମୁଖ ଯୋଗଦେଇ ଦଳରେ ନୂତନ ସଦସ୍ୟଙ୍କୁ ସ୍ୱାଗତ କରିବା ସହ ସଦସ୍ୟତା ଗ୍ରହଣ କରିଥିଲେ। କଂଗ୍ରେସ ଓ ବିଜେଡି ଛାଡ଼ି କରୁଣାକର ନାୟକ, ନିର୍ମଳ ଧଳ, ଭୀମସେନ ଧଳ, ମଥୁରାନନ୍ଦ ଧଳ, ଶୁକଦେବ ମଲିକ, ଅମର ବେହେରା, ଗଣେଶ ସିଅ, ସୁରଥ ସିଅ ପ୍ରମୁଖ ୨୦ ପରିବାର ଭାଜପାରେ ଯୋଗଦେଇଥିଲେ।

# କ୍ୟାନ୍‌ସର ପୀଡ଼ିତ ଶିଶୁଙ୍କୁ ସହାୟତା

ରାଜନଗର, ୧୫।୧୦(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଭିତରଗଡ଼ ପଞ୍ଚାୟତ ଚାରିପୋଖରିଆ ଗାଁର କଳ୍ପତରୁ ବାରିକଙ୍କ ଏକମାତ୍ର ଦେଢବର୍ଷ ପୁଅ ଏବେ ରକ୍ତ କର୍କଟ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଜୀବନ ସହ ସଂଗ୍ରାମ କରୁଛି। ଡାକ୍ତରଙ୍କ କହିବା କଥା ହେଲା ଏହି ରୋଗକୁ ଭଲ କରିବାକୁ ପ୍ରଚୁର ଅର୍ଥ ଓ ରକ୍ତର ଆବଶ୍ୟକତା ରହିଛି। ଏହି ଖବର ପାଇବା ପରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ କେନ୍ଦ୍ରାପଡ଼ା ଜିଲାର ମା'ଶାରଳା ଚାରିଟେବୁଲ ଟ୍ରଷ୍ଟର ସଦସ୍ୟମାନେ ଭୁବନେଶ୍ୱର ଘରୋଇ ହସ୍ପିଟାଲରେ ପହଞ୍ଚି ୪ ୟୁନିଟ ରକ୍ତ ଦେବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସଙ୍ଗଠନର ପ୍ରତିଷ୍ଠାତା ମହେଶ୍ୱର ସାହୁ, କୋଷାଧ୍ୟକ୍ଷ ମହେଶ୍ୱର ପାତ୍ର, ସନାତନ ଓଝା, ପ୍ରୀତିମୟୀ ଦାସ, ସସ୍ମିତା ରାଉତ, ସରୋଜ ଜେନା, ରତ୍ନାକର ପଣ୍ଡା ପ୍ରମୁଖ ସଦସ୍ୟମାନେ କଳ୍ପତରୁଙ୍କ ଘରେ ପହଞ୍ଚି ଆର୍ଥିକ ସହାୟତା ଦେବା ସହ ଆଗକୁ ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

# ୭୦ରୁ ଉର୍ଦ୍ଧ୍ୱ ପୂଜାମଣ୍ଡପ ଚଳଚଞ୍ଚଳ

## ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ଝଲସିବ ଡେରାବିଶ

ଡେରାବିଶ, ୧୫।୧୦(ବେବର୍ତ୍ତା ଅଜୟ ଦାସ)

ମା' ଧନଦାତ୍ରୀ ଗଜଲକ୍ଷ୍ମୀଙ୍କ ପୂଜା କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକ ଅଞ୍ଚଳରେ ଗଣପର୍ବ ପାଲଟିଛି। ଦୀର୍ଘବର୍ଷ ହେବ ବ୍ଲକ ଅଞ୍ଚଳର ବିଭିନ୍ନ ଗାଁଗୁଡ଼ିକ ମା'ଙ୍କ ପୂଜା ପାଇଁ ଚଳଚଞ୍ଚଳ ହୁଏ। ବୁଧବାର ସନ୍ଧ୍ୟାରୁ ବ୍ଲକ ଅଧୀନ ବିଭିନ୍ନ ଗାଁଗୁଡ଼ିକରେ ଆରମ୍ଭ ହେବ ମା'ଙ୍କ ପୂଜା ଉତ୍ସବ। ୭୦ରୁ ଉର୍ଦ୍ଧ୍ୱ ପୂଜାମଣ୍ଡପରେ ମା'ଙ୍କ ପୂଜା ହେବାକୁ ଥିବାବେଳେ ଏହି ପୂଜା ପାଇଁ ସମସ୍ତ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ବ୍ଲକ ଅଧୀନ ଛୋଟି ପଞ୍ଚାୟତର ନେତୁଆ ଓ ଚୋଟିଠାରେ ଦୀର୍ଘ ୪୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ମା'ଙ୍କ ପୂଜା ହୋଇଆସୁଛି। ଚଳିତବର୍ଷ ନେତୁଆଠାରେ ମା'ଙ୍କ ପୂଜା ପାଇଁ ବ୍ୟାପକ ପ୍ରସ୍ତୁତି ହୋଇଛି। ପୂଜା ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇବାକୁ ଥିବାବେଳେ କମିଟି ପକ୍ଷରୁ ପ୍ରକୃତିର ସୌନ୍ଦର୍ଯ୍ୟତାକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଚଳିତବର୍ଷ ଭିତରକନିକାର କୁମ୍ଭୀର, ନିଶା ନିବାରଣ ଉପରେ ବାରୁଆଳି (ରୂପମୂର୍ତ୍ତି) ମୁଖ୍ୟ ଆକର୍ଷଣ ହେବ। ଏଥିସହ ଘଞ୍ଚ ଜଙ୍ଗଲର ପରିକଳ୍ପନା ଶ୍ରଦ୍ଧାଳୁଙ୍କ ପାଇଁ ମୁଖ୍ୟ ଆକର୍ଷଣ ରହିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଛୋଟି, ପଲ୍ଲି ରଘୁନାଥପୁର,


ବଳଭଦ୍ରପୁର ପୂଜା ମଣ୍ଡପରେ ମା' ଗଜଲକ୍ଷ୍ମୀଙ୍କ ମୂର୍ତ୍ତି।


ନେତୁଆ ପୂଜା ମୁଣ୍ଡପରେ ମା'ଙ୍କୁ ଶେଷ ସ୍ପର୍ଶ ଦେଉଛନ୍ତି ଶିଳ୍ପୀ।

ବଡ଼ ସାରଦେଇପୁର, ନହଙ୍ଗସ୍ଥିତ ଆନନ୍ଦ ବଜାର, ମନ୍ତ୍ରୀପଡ଼ା, ଫକୀରାବାଦ, ଓଲଡ଼ି, ଛତା, ଲକ୍ଷ୍ମୀନାରାୟଣପୁର, ବଳଭଦ୍ରପୁର ଓ ସାତବାଟିଆ ଗ୍ରାମ ମା'ଙ୍କ ପାଇଁ ଉତ୍ସବମୁଖର ହେବ। ସେହିପରି ଚଷାଖଣ୍ଡ, କାଜିପୁର, ଠାକୁରହାଟ, ଠାକୁରପାଟଣା, ଉଦୟନଗର, ବାରିମୂଳ ଓ ଚାନ୍ଦୋଳ ବଜାରରେ ମା'ଙ୍କ ପୂଜା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ, ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ସମ୍ପୃକ୍ତ ପୂଜା କମିଟି ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ପୂଜା ଉତ୍ସବକୁ ଅଧିକ ସରସସୁନ୍ଦର କରିବା ପାଇଁ ପ୍ରତ୍ୟେକ ପୂଜାମଣ୍ଡପକୁ ସୁଉଚ୍ଚ ତୋରଣ ସହ ରଙ୍ଗବେରଙ୍ଗର ଆଲୋକମାଳା ସାଜସଜ୍ଜା ପାଇଁ ପୂଜା କମିଟି କର୍ମକର୍ତ୍ତାମାନେ ତତ୍ପରତା ପ୍ରକାଶ କରୁଥିବା ଦେଖିବାକୁ ମିଳିଛି। ଏହି ପୂଜା ପାଇଁ ଡେରାବିଶ ଥାନା, ନିକିରାଇ ଓ କେନ୍ଦ୍ରାପଡ଼ା ସଦର ଥାନା ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପଦକ୍ଷେପ ନିଆଯାଇଛି।

# ବନ୍ଧ ଓ କେନାଲ ନିର୍ମାଣ ସରିଛି, ଜମିକୁ ପାଣି ଯାଉନି

- ୫୦୦ଏକର ଚାଷଜମିକୁ ଜଳସେଚନ ବ୍ୟବସ୍ଥା
- ଚାଷୀଙ୍କ ଚିନ୍ତା ବଢ଼ୁଛି, କାର୍ଯ୍ୟାନୁଷ୍ଠାନ ଶୂନ୍‌

ଶରଣକୁଳ,୧୫।୧୦(ଦୀପକ କର):

ସରକାର କୃଷକ ତଥା କୃଷିଭିତ୍ତିକ ଉତ୍ପାଦନକୁ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ଅଣଜଳସେଚିତ ଜମିକୁ ଜଳସେଚନର ବ୍ୟବସ୍ଥା କରିବା ପାଇଁ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ପ୍ରତିବର୍ଷ ଅନେକ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ପର୍ଯ୍ୟାପ୍ତ ଜଳସେଚନର ସୁବିଧା ନ ଥିବା ଅଞ୍ଚଳ ପାଇଁ ବର୍ଷା ଜଳକୁ ବନ୍ଧ, ଚେକ୍ ଡ୍ୟାମ୍ ତଥା ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ସରଂକ୍ଷିତ କରି କେନାଲ ଦ୍ୱାରା ଚାଷପଯୋଗୀ ଜମିକୁ ଜଳସେଚନର ସୁବିଧା ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଇଛି । ହେଲେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ମନୋଭାବ ଯୋଗୁ ବହୁ ପ୍ରକଳ୍ପର ନିର୍ମାଣ ସରିଥିଲେ ମଧ୍ୟ ତାହା ଚାଷୀଙ୍କ କାମରେ ଲାଗୁ ନ ଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ନୟାଗଡ଼ ଜିଲା ଶରଣକୁଳ ଥାନା ଧୂଷୁମା, ଅଗିଁସିଙ୍ଗି, ବଡ଼ଗୋରୋଡା, ସାନଗୋରଡ଼ା, ପାଟୁଳିସାହି, ବିଲିଗୋରୋଡ଼ା, ଗୋଲଗାଁ ଗ୍ରାମରେ ଥିବା ପ୍ରାୟ ୫୦୦ଏକର ଚାଷଜମିକୁ ଜଳସେଚିତ କରିବା ପାଇଁ ଦୁଆଣ୍ଟ ନଦୀରେ ନୟାଗଡ଼ ଜଳ ସମ୍ପଦ ବିଭାଗ(କ୍ଷୁଦ୍ର ଜଳ ସେଚନ ବିଭାଜନ) ପକ୍ଷରୁ ୨କୋଟି ୩୫ଲକ୍ଷ ଟଙ୍କା ବ୍ୟୟରେ ଧୂଷୁମା ଦୁଆଣ୍ଟ ନଦୀ ଜଳସେଚସନ ପ୍ରକଳ୍ପ କାମ ୨୦୨୨ରେ ଆରମ୍ଭ ହୋଇଥିଲା ।



ନିର୍ମାଣ ହୋଇଥିବା ବନ୍ଧରେ ପାଣି ଜମି ରହିଛି ।

ଏହାର ଶିଳାନ୍ୟାସ ଉତ୍ସବରେ ପୂର୍ବତନ ପୁରୀ ଏମ୍‌ପି ପିନାକୀ ମିଶ୍ର, ପୂର୍ବତନ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଲୋକନାଥ ସାହୁ, ଗୋଡିପଡ଼ା ଜୋନ୍ ଜିଲା ପରିଷଦ ସଭ୍ୟା ସଂଯୁକ୍ତା ପଢ଼ିହାରୀ, ଅଗିଁସିଙ୍ଗି ସରପଞ୍ଚ ନମିତା ମହାପାତ୍ର, ଅଗିଁସିଙ୍ଗି ସମିତିସଭ୍ୟା ମିତାରାଣୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ । ଏତେ ବଡ଼ ପ୍ରକଳ୍ପର ନିର୍ମାଣ ଚାଲିଥିଲେ ମଧ୍ୟ କାର୍ଯ୍ୟାଦେଶ ନାହିଁ । ବ୍ୟୟ ବରାଦ, ନିର୍ମାଣ ଆରମ୍ଭ ଓ ଶେଷ ହେବାର ତାରିଖ ନେଇ କୌଣସି ସୂଚନା ଫଳକ ନାହିଁ । ଇତିମଧ୍ୟରେ ବନ୍ଧ ଓ କେନାଲ ନିର୍ମାଣ ସରିଥିଲେ ସୁଦ୍ଧା ଚାଷ ଜମିକୁ ପାଣି ଯାଇପାରୁନାହିଁ। ଏହାକୁ ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ପ୍ରକଳ୍ପରୁ ବନ୍ଧମୁଣ୍ଡା ଗହୀରକୁ କେନାଲ ମାଧ୍ୟମରେ ଜଳସେଚିତ କରିବା ପାଇଁ ବ୍ୟବସ୍ଥା ହୋଇଥିବା ବେଳେ ଗେଟର ଉଚ୍ଚତା କମ୍ ଥିବା ଯୋଗୁ ଦୁଆଣ୍ଟ ନଦୀର ସବୁଜଳ ପଠାଦେଇ ବାହାରକୁ ଚାଲିଯାଉଛି। ଏହି ତ୍ରୁଟି ଯୋଗୁ ଗ୍ରାମବାସୀ ମିଳିତ ହୋଇ ବାଲିବସ୍ତା ପକାଇ ବନ୍ଧର ଉଚ୍ଚତା ବୃଦ୍ଧିକରି ନଦୀ ଜଳକୁ ବନ୍ଧମୁଣ୍ଡା ଗହୀର ଜମିକୁ କେନାଲଦେଇ ନେବାକୁ ଚେଷ୍ଟା କରିଥିଲେ । ହେଲେ ନିର୍ମାଣରେ ତ୍ରୁଟି ଯୋଗୁ ପଶ୍ଚିମ ଦିଗରୁ ଦୁଆଣ୍ଟ ନଦୀରୁ ଆସୁଥିବା ନଦୀଜଳ କେନାଲ ଦେଇ ଚାଷଜମିକୁ ନ ଯାଇ ନଦୀଗେଟ ଉପରଦେଇ ବାହାରକୁ ଚାଲିଯାଉଛି। ବନ୍ଧରୁ ଚାଷଜମିକୁ ସଂଯୋଗ ହୋଇଥିବା କେନାଲରେ ନଦୀଜଳ ଚାଷଜମିକୁ ଯିବା ବଦଳରେ ବାହାରଜଳ କେନାଲ ଦ୍ୱାରା ବନ୍ଧ ମଧ୍ୟରେ ପ୍ରବେଶ କରୁଛି । ମାତ୍ର ୨୦୦ ମିଟର ନିର୍ମାଣ ହୋଇଥିବା ପକ୍କା କେନାଲର ଆଗକୁ ଥିବା ଅର୍ଦ୍ଧ ନିର୍ମିତ କେନାଲରେ ମାଟି ଜମା ହୋଇରହୁଛି। ଏ ସଂକ୍ରାନ୍ତରେ ଗ୍ରାମବାସୀ ପ୍ରକଳ୍ପସ୍ଥଳରେ ଉପସ୍ଥିତ ଥିବା ବିଭାଗୀୟ ମୁଖ୍ୟଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ତଥା ସହକାରୀ ଯନ୍ତ୍ରୀଙ୍କୁ ଅବଗତ କରାଇଥିଲେ ମଧ ବର୍ତ୍ତମାନ ସୁଦ୍ଧା କୌଣସି ସ୍ଥାୟୀ ସମାଧାନ ହୋଇପାରିନାହିଁ।

ଧୂଷୁମା ଗ୍ରାମ୍ୟ କମିଟି ସଭାପତି ନରୋତ୍ତମ ବିଶୋଇ, ସମ୍ପାଦକ ରମେଶ ଚନ୍ଦ୍ର ସ୍ୱାଇଁ ଏବଂ ବଡଗୋରଡ଼ା ଗ୍ରାମର କେଦାର ମହାପାତ୍ର, ଭଗବାନ ଦୋରା ପ୍ରମୁଖ କହିଛନ୍ତି, ପ୍ରକଳ୍ପ କାମ ଚାଲିଥିବା ସମୟରେ ଏହି ତ୍ରୁଟି ସମ୍ପର୍କରେ ତତ୍କାଳୀନ କନିଷ୍ଠ ଯନ୍ତ୍ରୀଙ୍କୁ ଆମେ ଅବଗତ କରିଥିଲୁ। ସେ କହିଥିଲେ, ଆମେ ଇଞ୍ଜିନିୟରିଂ ପାଠରେ କାମ କରୁଛୁ, ତମେ କିଛି କହିବା ଦରକାର ନାହିଁ। ତମର ଜମିରେ ପାଣି ମାଡିବା ଦରକାର, ତମ ଗହୀରକୁ ପାଣି ଯିବ। କିନ୍ତୁ ବର୍ତ୍ତମାନର ବିଭାଗୀୟ କନିଷ୍ଠ ଯନ୍ତ୍ରୀ ମନୋଜ ରାଉତଙ୍କୁ ପଚାରିବାରେ ସେ କହିଛନ୍ତି, ମୁଁ ଗ୍ରାମବାସୀଙ୍କ ସହ ଆଲୋଚନା କରିଛି। ୨୦୦ ମିଟର ନିର୍ମାଣ ହୋଇଥିବା ପକ୍କା କେନାଲ ଆଗକୁ ମାଟି ଜମା ହୋଇ ରହିଛି। ସେହି ସ୍ଥାନ ଉଚ୍ଚ ହୋଇଯାଇଥିବାରୁ ଜଳ ଆଗକୁ ଯାଇ ନ ପାରି ଜମି ରହୁଛି। ଏହି ପ୍ରକଳ୍ପଟି ନିର୍ମାଣଧୀନ ଅବସ୍ଥାରେ ଥିବାରୁ ଡିସେମ୍ବରରେ ଏହାର ପରବର୍ତ୍ତୀ କାମ ଆରମ୍ଭ ହେବ । ପକ୍କା କେନାଲ ଓ ଗେଟ ଲାଗିବା ସହ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ।

# ଅବଦୁଲ କଲାମଙ୍କୁ ଶ୍ରଦ୍ଧାଞ୍ଜଳି




ଜୟନ୍ତୀ ଅବସରରେ ଅବଦୁଲ କଲାମଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି ।

ନୟାଗଡ଼,୧୫।୧୦(ଲୋକନାଥ ମିଶ୍ର): ବିଶିଷ୍ଟ ବୈଜ୍ଞାନିକ ତଥା ଭାରତର ମିଶାଇଲ ମ୍ୟାନ,ପ୍ରଥମ ବୈଜ୍ଞାନିକ ରାଷ୍ଟ୍ରପତି ଭାରତରତ୍ନ ସ୍ୱର୍ଗତ ଡ.ଏ.ପି.ଜେ ଅବଦୁଲ କାଲାମଙ୍କ ୯୩ତମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇ ଯାଇଛି। ଅବଦୁଲ କାଲାମ ସ୍ମୃତି କମିଟି ଏବଂ ଶିକ୍ଷକ ସମାଜ ପକ୍ଷରୁ ନୟାଗଡ଼ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ସ୍ଥାପିତ ଡ.କାଲାମଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ନୟାଗଡ଼ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଏବଂ ସମ୍ମାନୀତ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ରାଜଶ୍ରୀ ପଟ୍ଟନାୟକ,ବ୍ଲକ ଶିକ୍ଷାଧିକାରୀ ନିମାଇଁ ଚରଣ ପ୍ରଧାନ,ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ସଞ୍ଜୟ କୁମାର ମଲିକ ଏବଂ ଧନେଶ୍ୱର ସେଠୀ ପ୍ରମୁଖ ଯୋଗଦାନ କରି ଡ.କଲାମଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ବ୍ଲକ୍ ଶିକ୍ଷକ ସଂଘ ନେତା ବଟକୃଷ୍ଣ ମିଶ୍ର, ଶେଖ ଅବଦୁଲ ଖାଲିକ, ବିପିନ ବିହାରୀ ଦାସ, ଲକ୍ଷ୍ମୀଧର ସାହୁ, ପୀତବାସ ପ୍ରଧାନ, ସୁରେଶ ଚନ୍ଦ୍ର ସେଠୀ, ସନ୍ତୋଷ ସାହୁ, ଅଶୋକ ମଲ୍ଲ,ଉଷାମଣି ମିଶ୍ର, ରବିନ୍ଦ୍ର କୁମାର ସାହୁ, ସନ୍ତୋଷ ପ୍ରଧାନ, ସଲିମ ଇବ୍ରାହିମ, ଚିତ୍ତରଞ୍ଜନ ଦାଶ ଏବଂ ଅଫିସ ମୁଖ୍ୟ ସହକାରୀ ମାନସ ସେଠୀ, ଶୋଭେଶ ଶୁକ୍ଲା ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ଗାଁ ଆଦର୍ଶ ଥାନା ପରିଦର୍ଶନ କଲେ ଏସ୍‌ପି



ଏସ୍‌ପି ଏସ୍.ସୁଶ୍ରୀ ଶ୍ରୀ ରଘୁନାଥଜୀଉଙ୍କୁ ଦର୍ଶନ କରୁଛନ୍ତି ।

ଓଡ଼ଗାଁ,୧୫।୧୦(ଆଦର୍ଶ କୁମାର ପଟ୍ଟନାୟକ ):

ନୟାଗଡ଼ ଜିଲା ଆରକ୍ଷୀ ଅଧୀକ୍ଷକ ଏସ୍ ସୁଶ୍ରୀ କାର୍ଯ୍ୟରେ ଯୋଗଦେବା ପରେ ପ୍ରଥମକରି ମଙ୍ଗଳବାର ଓଡ଼ଗାଁ ଆଦର୍ଶ ଥାନା ପରିଦର୍ଶନରେ ଆସି ଆଇଆଇସି ରଶ୍ମିରଞ୍ଜନ ସାହୁ ଓ ଅନ୍ୟ ପୋଲିସ ଅଧିକାରୀଙ୍କ ସହିତ ବିଭିନନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଅତୀତର ଅପରାଧୀକ ଘଟଣା ଉପରେ ସେ ପଚାରି ବୁଝିଥିଲେ। ସାଧାରଣ ଲୋକଙ୍କ ସହିତ ସୁସମ୍ପର୍କ ସ୍ଥାପନ କରି ପୋଲିସ ସେମାନଙ୍କ ବିଶ୍ୱାସଭାଜନ ହେବା ଆବଶ୍ୟକ ବୋଲି କହିଥିଲେ । ଟ୍ରାଫିକ ନିୟନ୍ତ୍ରଣ ଉପରେ ଏସ୍‌ପି ଗୁରୁତ୍ୱାରୋପ କରିବା ସହ ବିଭିନ୍ନ ସଭାସମିତି, ସାଂସ୍କୃତିକ କାର୍ଯ୍ୟକ୍ରମ ବେଳେ ଆଇନଶୃଙ୍ଖଳା ନିୟନ୍ତ୍ରଣ ରଖିବା ସହିତ ବର୍ତ୍ତମାନର ଅପରାଧିକ ଗତିବିଧି ଉପରେ ନଜର ରଖିବାକୁ ପରାମର୍ଶ ଦେଇଥିଲେ।ଥାନା ପରିଦର୍ଶନ କାର୍ଯ୍ୟ ସରିବା ପରେ ଏସ୍‌ପି ବିଜେ ଶ୍ରୀରଘୁନାଥଜୀଉଙ୍କୁ ଦର୍ଶନ କରିବାକୁ ଯାଇ ୫୫ ମିନିଟ ମନ୍ଦିର ଭିତରେ ବିତାଇଥିଲେ। ଏହି ସମୟରେ ପୂଜକ ପରିଷଦ ସଭାପତି ପ୍ରଫୁଲ କୁମାର ମହାପାତ୍ର ଓ ସେବାୟତମାନେ ଶ୍ରୀ ଜୀଉଙ୍କର ମହିମା ସମ୍ପର୍କରେ ସୂଚନା ଦେଇଥିଲେ। ମନ୍ଦିର ପ୍ରଶାସନ ତରଫରୁ ଜିତେନ୍ଦ୍ର କୁମାର ମିଶ୍ର ଏସ୍‌ପିଙ୍କୁ ଉପହାର ସ୍ୱରୂପ ଶ୍ରୀରଘୁନାଥଜୀଉଙ୍କ ଫଟୋ ଚିତ୍ର ପ୍ରଦାନ କରିଥିଲେ।

# ବେସରକାରୀ ସ୍କୁଲର ମହିଳା କର୍ମଚାରୀ ନିଖୋଜ ଅଭିଯୋଗ

ରଣପୁର,୧୫।୧୦ (ସୁକାନ୍ତ କିଶୋର ଡାକୁଆ):

ନୟାଗଡ଼ ଜିଲା ଚାନ୍ଦପୁର ଥାନା ଅନ୍ତର୍ଗତ ମଶାଣି ସାହିରେ ଥିବା ଏକ ବେସରକାରୀ ବିଦ୍ୟାଳୟର ଜଣେ ମହିଳା କର୍ମଚାରୀ ୫ ଦିନ ହେବ ନିଖୋଜ ଅଛନ୍ତି । ଏନେଇ ଚାନ୍ଦପୁର ଥାନାରେ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି । ପୋଲିସ ତଦନ୍ତ ଜାରି ରଖିଛି। ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ସମ୍ପୃକ୍ତ କର୍ମଚାରୀଙ୍କ ପତ୍ତା ପୋଲିସ ପାଇନାହିଁ।

ସୂଚନା ଅନୁଯାୟୀ, ସମ୍ପୃକ୍ତ ମହିଳା ଅସୁସ୍ଥ ଥିଲେ । ସେ ନିଜ ପରିବାର ସହିତ ଚାନ୍ଦପୁର ମଶାଣି ସାହିରେ ଭଡ଼ା ରହୁଥିଲେ। ଶୁକ୍ରବାର ରାତିରେ ସ୍ୱାମୀ ଓ ଛୋଟ ଝିଅ ସହିତ ସେ ଶୋଇଥିଲେ । ହେଲେ ସମସ୍ତେ ଶୋଇଥିବା ବେଳେ ସେ ବିଳମ୍ବିତ ରାତିରେ କେଉଁଆଡେ ଚାଲିଯାଇଥିଲେ। ସେ କେରଳର ଥିରୁଅନନ୍ତପୁରମ ଜିଲାର ମୂଳ ବାସିନ୍ଦା। ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ଏକ ଘରୋଇ ସ୍କୁଲରେ ସିକୁରିଟି ଗାର୍ଡ ଥିବା ବେଳେ ସମ୍ପୃକ୍ତା ମହିଳା ସେହି ସ୍କୁଲରେ ଅଫିସ ଷ୍ଟାଫ ଭାବେ କାର୍ଯ୍ୟରତ ଥିଲେ ।

# ଯୁବକଙ୍କ କାନ କାମୁଡି ଛିଣ୍ଡାଇ ଦେଲେ

## ରାଜନୈତିକ ବିବାଦ ଉଗ୍ରରୂପ ନେଲା

ନୟାଗଡ଼,୧୫।୧୦(ଲୋକନାଥ ମିଶ୍ର):

ପୂର୍ବ ଶତ୍ରୁତାକୁ ନେଇ ନୟାଗଡ଼ ଟାଉନ ଥାନା ମାଛିପଡା ଗାଁରେ ମଙ୍ଗଳବାର ମଧ୍ୟାହ୍ନରେ ୨ ଯୁବକଙ୍କ ମଧ୍ୟରେ ଲାଗି ରହିଥିବା ରାଜନୈତିକ ବିବାଦ ଉଗ୍ରରୂପ ନେଇଛି । ମାଛିପଡାର ଦୟାନିଧି ବେହେରାଙ୍କ ମାରପିଟ୍ ଓ କାନକୁ କାମୁଡିଦେବା ପରେ ସୁଶାନ୍ତ ବେହେରା ଆହତ ହୋଇଛନ୍ତି । ସୁଶାନ୍ତଙ୍କର ଡାହାଣ ପଟ କାନ ଛିଣ୍ଡି ଯାଇଥିବାବେଳେ ମୁଣ୍ଡ ଫାଟି ଯାଇଛି । ସୁଶାନ୍ତଙ୍କ ଛିଣ୍ଡିଥିବା କାନକୁ ବରଫରେ ରଖି ଭୁବନେଶ୍ୱର ପଠାଯାଇଛି । ପ୍ରତି ଜବାବରେ ସୁଶାନ୍ତଙ୍କ ମାରପିଟ୍, ହାତ ଓ ମୁହଁକୁ କାମୁଡିବା ପରେ ଦୟାନିଧି ମଧ ଅନୁରୂପ ଆହତ ହୋଇଛନ୍ତି । ଉଭୟଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଅବସ୍ଥାରେ ଉନ୍ନତି ନ ଆସିବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । ୨୦୨୨ ପଞ୍ଚାୟତ





ନିର୍ବାଚନ ଠାରୁ ମାଛିପଡାର ଦୟାନିଧି ଓ ସୁଶାନ୍ତଙ୍କ ମଧ୍ୟରେ ରାଜନୈତିକ ଶତ୍ରୁତା ଲାଗି ରହିଥିଲା । ସୋମବାର ମାଛିପଡାର ଦୁର୍ଗାମେଢ଼ ଭସାଣି ସମୟରେ ସୁଶାନ୍ତଙ୍କ ଘର ଆଗରେ ଜୋରରେ ଷ୍ଟେରିଓ ବଜା ଯାଇଥିଲା । ଦୟାନିଧି ଦୁର୍ଗାପୂଜା କମିଟିର ସଦସ୍ୟ ଥିଲେ । ସେ ଜାଣି ଶୁଣି ଜୋରରେ ଷ୍ଟେରିଓ ବଜାଇଥିବା ଜଣା ପଡିଥିଲା । ଏହାକୁ ନେଇ ସୋମବାର ଉତ୍ତେଜନା ପ୍ରକାଶ ପାଇଥିଲେ ମଧ୍ୟ ପରିସ୍ଥିତି ନିୟନ୍ତ୍ରଣ ରହିଥିଲା । ଦୟାନିଧିଙ୍କ ପରିବାର ଘର ତିଆରି କରୁଥିବାରୁ ଦୟାନିଧି ମଙ୍ଗଳବାର ସିମେଣ୍ଟ ଆଣିବାକୁ ଯାଇ ଫେରୁଥିଲେ । ସୁଶାନ୍ତ କ୍ଷୀର ନେଇ ଫେରୁଥିଲେ । ଉଭୟ ମାଛିପଡା ରାସ୍ତାରେ ମୁହାଁମୁହିଁ ହେବା ପରେ ସୁଶାନ୍ତ ସୋମବାର ଭସାଣିରେ ମାଇକ୍ ଜୋରରେ ବଜାଇବାକୁ ନେଇ ପ୍ରଶ୍ନ କରିଥିଲେ । ଏହା ପରେ ଉଭୟଙ୍କ ମଧ୍ୟରେ କଥା କଟାକଟି, ଯୁକ୍ତିତର୍କ ଓ ମାରପିଟ୍ ହୋଇଥିଲା । ଖବର ପାଇ ଟାଉନ ଥାନା ପୋଲିସ ଘଟଣାର ତଦନ୍ତ କରୁଛି ।

# ନୟାଗଡ଼ ଟିମ୍ ଫାଇନାଲରେ

ଖଣ୍ଡପଡ଼ା,୧୫।୧୦(ଅଜୟ କୁମାର ମହାରଣା):

ଖଣ୍ଡପଡ଼ା ବ୍ଲକ୍ ଅଧୀନ ବନମାଳୀପୁର ଉଚ୍ଚ ବିଦ୍ୟାଳୟ କ୍ରୀଡାଙ୍ଗନରେ ଆଞ୍ଚଳିକ ସ୍ପୋର୍ଟସ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ୩୬ ତମ ଚ୍ୟାଲେଞ୍ଜ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୟାଗଡ଼ କ୍ରିକେଟ ଆସୋସିଏଶନ ବନମାଳୀପୁର କ୍ରିକେଟ କ୍ଲବକୁ ୨ ଉଇକେଟରେ ପରାସ୍ତ କରି ଚଳିତ ବର୍ଷର ଫାନାଲକୁ ଉନ୍ନୀତ ହୋଇଛି। ଟସ୍ ଜିତି ବନମାଳୀପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୪୦ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ଜବାବ୍‌ରେ ନୟାଗଡ଼ କ୍ରିକେଟ ଆସୋସିଏଶନ ୧୯.୫ ଓଭରରେ ୮ ଉଇକେଟ ହରାଇ ବିଜୟ ଲକ୍ଷ ହାସଲ କରିଥିଲା । ବିଜୟୀ ଦଳ ପକ୍ଷରୁ କିଟୁ ରାଣା ବୋଲିଂରେ ୩ଟି ଉଇକେଟ ନେବା ସହ ବ୍ୟାଟିଂରେ ୨୬ ବଲରୁ ୨୮ ରନର ପାଳି ଖେଳିବା ସହ ଦଳକୁ ବିଜୟୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଆଜିର ଖେଳରେ ଅତିଥି ଭାବେ ଆଞ୍ଚଳିକ ସ୍ପୋର୍ଟସ କ୍ଲବର ବରିଷ୍ଠ ସଦସ୍ୟ ଚତୁର୍ଭୂଜ ସାହୁ ଯୋଗଦେଇ ଶ୍ରେଷ୍ଠ ଖେଳାଳୀ କିଟୁ ରାଣାଙ୍କୁ ପୁରସ୍କୃତ କରିବା ସହ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ଅଭିମନ୍ୟୁ ଦାସ ଓ ଦିଲୀପ କୁମାର ସାହୁ ଖେଳକୁ ପରିଚାଳନା କରିଥିଲେ । ବୁଧବାର ଉଦ୍‌ଯାପନୀ ଦିବସରେ ନୟାଗଡ଼ କ୍ରିକେଟ ଆସୋସିଏଶନ ସହ ପଙ୍ଗାରସିଂହ ରଘୁନାଥ ଦେବ କ୍ରିକେଟ କ୍ଲବ ମରେ ମୁକାବିଲା ହେବ ବୋଲି ଆୟୋଜକଙ୍କ ଠାରୁ ସୂଚନା ମିଳିଛି।

# ୨ ଜୁଆ ଆଡ୍ଡାରୁ ୧୨ ଗିରଫ

ବୁଗୁଡା,୧୫।୧୦(କାଳିଚରଣ ଦାଶ)

ବୁଗୁଡ଼ା ଥାନା ଅନ୍ତର୍ଗତ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ବିଭିନ୍ନ ସ୍ଥାନରେ ପରମ୍ପରା ନାଁରେ ତାସ ଏବଂ ଜୁଆଖେଳର ଆସର ଜମୁଛି। ପୋଲିସ୍ ପକ୍ଷରୁ ୨ଟି ଜୁଆଆଡ୍ଡା ଉପରେ ଚଢ଼ାଉ କରାଯାଇ ୧୨ ଜଣଙ୍କୁ ଗିରଫ କରାଯିବା ସହ ମୋଟ ୩୬,୮୫୦ ଟଙ୍କା ଜବତ କରାଯାଇଛି। ସେଥିମଧ୍ୟରୁ କୁଆଁନଳା ଗାଁରେ ଚାଲିଥିବା ଜୁଆ ଆଡ୍ଡାରୁ ପୋଲିସ ୯ ଜଣଙ୍କୁ ଗିରଫ କରିବା ସହ ୮,୩୪୦ ଟଙ୍କା ଜବତ କରିଛି। ଏ ନେଇ ନଂ ୪୬୨/୨୪ରେ ମାମଲା ରୁଜୁ ହୋଇଛି। ସେହିପରି ବୁଗୁଡା ଷ୍ଟାଡିୟମ୍ ନିକଟ ଏକ ଘରେ ଚାଲିଥିବା ଜୁଆଆଡ୍ଡାରୁ ୩ ଜଣଙ୍କୁ କାବୁ କରାଯାଇଥିବା ବେଳେ ଅନ୍ୟମାନେ ଛତ୍ରଭଙ୍ଗ ଦେଇଛନ୍ତି। ସେଠାରୁ ୨୮,୫୧୦ଟଙ୍କା ଜବତ ହୋଇଛି। ଏ ନେଇ ନଂ ୪୬୪/୨୪ରେ ମାମଲା ରୁଜୁ ହୋଇଛି।

# ପୂର୍ବତନ ବିଡିଓଙ୍କ କାରନାମା ଧରାପଡିଲା

- କାଉଣ୍ଟର ସାଇନ ନ କରି କରିଛନ୍ତି ବିଲ୍ ପାସ୍
- ୨୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଅନୁଦାନରେ ଅନିୟମିତତା
- ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ୍ ହେଲେ ଅଧ୍ୟକ୍ଷା

ନୟାଗଡ଼/ରଣପୁର,୧୫।୧୦ (ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ): ନୟାଗଡ ଜିଲା ରଣପୁର ବ୍ଲକରେ ବ୍ଲକ ଅଧ୍ୟକ୍ଷାଙ୍କ କାଉଣ୍ଟର ସାଇନ ନ କରି ପୂର୍ବତନ ବିଡିଓ ଜ୍ୟୋତି ପ୍ରକାଶ ସେଠୀ ୨୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବେଆଇନ ଭାବେ ବିଲ୍ ପାସ୍ କରିଥିବାର ଅଭିଯୋଗ ହୋଇଛି । ସେହିଭଳି ବ୍ଲକରେ କାର୍ଯ୍ୟରତ ମୁଖ୍ୟ କିରାଣୀ ସତ୍ୟ ନାରାୟଣ ନରେନ୍ଦ୍ର ସିଂ, କୋଷାଧ୍ୟକ୍ଷ ଅର୍ଜୁନ ପ୍ରଧାନ, ଟିସି ସିଦ୍ଧାର୍ଥ ରଥ, ବଦଳି ହୋଇଥିବା ଆକାଉଣ୍ଟାଣ୍ଟ ଶାଗୁଫା ଅଲ୍ଲୀ, ଆରଡବ୍ଲ୍ୟୁଏସ୍ଏସ୍‌ର କନିଷ୍ଠ ଯନ୍ତ୍ରୀ ପ୍ରକାଶ ମହାନ୍ତି, ବ୍ଲକ୍ କର୍ମଚାରୀ ପ୍ରତାପ ରଥ, ମହେନ୍ଦ୍ର ମହାପାତ୍ର ପ୍ରମୁଖ ସାମିଲ ଥିବା ଅନୁରୂପ ଅଭିଯୋଗ ରହିଛି । ପୂର୍ବତନ ବିଡିଓଙ୍କ କାରାନାମା ଧରା ପଡିବା ଓ ରଣପୁର ବ୍ଲକ ଦୁର୍ନୀତିର ଗନ୍ତାଘର ପାଲଟିବା ଅଭିଯୋଗ କରି ବ୍ଲକ ଅଧ୍ୟକ୍ଷା ନିର୍ମଳା ବେହେରା ମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, ଅର୍ଥ ବିଭାଗର ପ୍ରମୁଖ ସଚିବ, ଜିଲାପାଳ, ଆଉକାଉଣ୍ଟ ଜେନରାଲ ଓଡିଶା, ଭିଜିଲାନ୍ସ ଡିଏସ୍‌ପିଙ୍କୁ ଲିଖିତ ଭାବେ ଜଣାଇଛନ୍ତି ।

ଅଭିଯୋଗ ଅନୁସାରେ ରଣପୁର ରଘୁନାଥପୁର ଗାଁରେ ଅଙ୍ଗନୱାଡି କେନ୍ଦ୍ରର ଗୃହ ନିର୍ମାଣ ପାଇଁ ୨୦୧୯-୨୦ରେ ୮ ଲକ୍ଷ ୫୦ ହଜାର ମଞ୍ଜୁର ହୋଇଥିଲା । ଏହି କାର୍ଯ୍ୟରେ ୭ ଲକ୍ଷ ଟଙ୍କାର ବିଲ୍ କରାଯାଇଛି । ତେବେ ଅଧ୍ୟକ୍ଷାଙ୍କ କାଉଣ୍ଟର ସାଇନ ନ ଥାଇ ବିଲ୍ କରାଯାଇଛି । ସେହିଭଳି ୨୦୨୨-୨୩ ରେ ରଣପୁର ବ୍ଲକର ବିଭିନ୍ନ ଗାଁକୁ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଣ ପାଇଁ ଆରଡବ୍ଲ୍ୟୁଏସ୍ଏସ୍ ପକ୍ଷରୁ ଟ୍ୟାଙ୍କର ପିଛା ୪ ହଜାର ୮୦୦ ଟଙ୍କା ଲେଖାଏଁ ୧୪ ଲକ୍ଷ ୨୪ ହଜାର ୫ ଟଙ୍କା ଅନୁରୂପ ଭାବେ ବିନା କାଉଣ୍ଟର ସାଇନରେ ବିଲ୍ ହୋଇଛି । ଏଭଳି ଏକାଧିକ ଅନିୟମିତତା ପୂର୍ବତନ ବିଡିଓ ଜ୍ୟୋତି ପ୍ରକାଶ ସେଠୀଙ୍କ ସମୟରେ ହୋଇଛି । ଯାହା ତଦନ୍ତ ସାପେକ୍ଷ । ଏନେଇ ବ୍ଲକ୍ ଚେୟାରମ୍ୟାନ ନିର୍ମଳା ବେହେରା କୁହନ୍ତି, ସରକାରୀ ନିୟମ ରହିଛି ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ଲକରେ ବିଲ୍ ପାସ କରିବାକୁ ହେଲେ ଅଧ୍ୟକ୍ଷାଙ୍କ କାଉଣ୍ଟର ସାଇନ୍ କରାଯିବ । ଯଦି ଅଧ୍ୟକ୍ଷା କାଉଣ୍ଟର ସାଇନ୍ ନ କରନ୍ତି ଉପଜିଲାପାଳ କାଉଣ୍ଟର ସାଇନ୍ କଲେ ବିଲ୍ ପାସ କରାଯାଇ ପାରିବ । ଏଭଳିସ୍ଥଳେ ଅଧ୍ୟକ୍ଷା କି ଉପଜିଲାପାଳଙ୍କ କାଉଣ୍ଟର ସାଇନ୍ କରା ନ ଯାଇ ପୂର୍ବତନ ବିଡିଓ ଜ୍ୟୋତି ପ୍ରକାଶ ସେଠୀ କିପରି ବିଲ୍ କରିଛନ୍ତି ସେନେଇ ମୁଁ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଛି । ଏହାର ଉପଯୁକ୍ତ ବିଚାର କରା ନ ଗଲେ ହାଇକୋର୍ଟର ଆଶ୍ରୟ ନେବି ବୋଲି ସେ କହିଛନ୍ତି । ରଣପୁର ବିଡିଓ ସୁଧିର ନାୟକ କୁହନ୍ତି, ତତ୍କାଳିନ ବିଡିଓ ଅଧ୍ୟକ୍ଷାଙ୍କ ବିନା କାଉଣ୍ଟର ସାଇନ୍‌ରେ ବିଲ୍ ପାସ କରାଇଛନ୍ତି। ସଂପୃକ୍ତ କାର୍ଯ୍ୟର ଅବଶିଷ୍ଟ ଅର୍ଥକୁ ଫାଇନାଲ ବିଲ୍ କରିବାକୁ ଗଲାବେଳେ କାଉଣ୍ଟର ସାଇନ୍ ହୋଇ ନ ଥିବା ଜଣାପଡିଛି । ଏଭଳିସ୍ଥଳେ ଫାଇନାଲ ବିଲରେ କାଉଣ୍ଟର ସାଇନ୍ କରିବାକୁ ଅଧ୍ୟକ୍ଷା ମନା କରିଥିବା କହିଛନ୍ତି ।

# ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ

## ପାଚିକା,ସହାୟିକାଙ୍କ ୧୪ ଦଫା ଦାବିକୁ ନେଇ ବିକ୍ଷୋଭ

ରଣପୁର,୧୫।୧୦(ସୁକାନ୍ତ କିଶୋର ଡାକୁଆ): ସିଟୁ ନେତୃତ୍ୱରେ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘ ରଣପୁର ବ୍ଲକ୍ କମିଟି ତରଫରୁ ୧୪ ଦଫା ଦାବିରେ ମଙ୍ଗକବାର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଘେରାଉ କରାଯାଇଥିଲା । ଏହି ଘେରାଉରେ ବ୍ଲକର ବିଭିନ୍ନ ବିଦ୍ୟାଳୟରେ କାମ କରୁଥିବା ୪ଶହରୁ ଉର୍ଦ୍ଧ୍ୱ ପାଚିକା ପଞ୍ଚୁଦୋଳ ପଡ଼ିଆ ଶହୀଦ ରଘୁ-ଦିବାକର ମଣ୍ଡପଠାରୁ ଏକ ଶୋଭାଯାତ୍ରାରେ ବାହାରି ରଣପୁର ବଜାର ପରିକ୍ରମା କରି ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲେ । ସେଠାରେ ପାଚିକାମାନେ ଗଣ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ବ୍ଲକ ସଭାପତି ଭିକାରୀ ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବକ୍ତାମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକମାରଣା ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ଦୀର୍ଘ ୨୯ ବର୍ଷ ହେଲା ଶିକ୍ଷା କ୍ଷେତ୍ରରେ ତଳସ୍ତରରେ କାର୍ଯ୍ୟ କରୁଥିବା ପାଚିକା ଓ ସହାୟିକାଙ୍କ ସାମଗ୍ରିକ ସମସ୍ୟା ପାଇଁ ସରକାରଙ୍କ ନୀତି ଦାୟୀ ବୋଲି ବକ୍ତାମାନେ ଅଭିଯୋଗ କରିଥିଲେ। ଆଜି ପର୍ଯ୍ୟନ୍ତ ସେମାନଙ୍କୁ ସ୍ୱଳ୍ପ ଦରମାରେ ଖଟାଉଛନ୍ତି । ସରକାର ସେମାନଙ୍କର କୌଣସି ଉନ୍ନତି କରି ନାହାନ୍ତି। ରଣପୁର ବ୍ଲକ ଅଞ୍ଚଳର ସମସ୍ତ ସ୍କୁଲକୁ ରନ୍ଧନ ଗ୍ୟାସ ସଂଯୋଗ ଯୋଗାଇ ଦେବାକୁ କହିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ତାହା ହୋଇପାରିଲା ନାହିଁ। ପାଚିକା ମାନଙ୍କୁ ପରିଚୟ ପତ୍ର ପ୍ରଦାନ କରାଗଲା ନାହିଁ । ଏହାସହିତ ବିଦ୍ୟାଳୟରେ ପାନୀୟ ଜଳ ଯୋଗାଣ, ରୋଷଶାଳା ନିର୍ମାଣ ଓ ୨୦୨୪ ସାଧାରଣ ନିର୍ବାଚନରେ କାର୍ଯ୍ୟରତ ପାଚିକାଙ୍କୁ ଆର୍ଥିକ ସହାୟତା ତୁରନ୍ତ ପ୍ରଦାନ ପାଇଁ ସଙ୍ଗଠନ ତରଫରୁ ଦାବି କରିଥିଲେ। ପାଚିକାମାନଙ୍କୁ ତାମିଲନାଡୁ ସରକାର ଚତୁର୍ଥ ଶ୍ରେଣୀ କର୍ମଚାରୀର ମାନ୍ୟତା ଓ କେରଳ ସରକାରଙ୍କ ଶ୍ରମିକ ମାନ୍ୟତା ଦେଇ ଥିବା ବେଳେ ଓଡ଼ିଶା ସରକାର ସର୍ବନିମ୍ନ ଦରମା ପ୍ରଦାନ କରିପାରୁନାହାନ୍ତି । ରାଜ୍ୟ ସରକାର ଏଥିପାଇଁ ପଦକ୍ଷେପ ନେବାକୁ ଦାବି କରାଯାଇଥିଲା । ସେହିଭଳି ମାସିକ ପେନଶନ ୧୦ହଜାର ଟଙ୍କା , ଅବସର ଓ ମୃତ୍ୟୁକାଳୀନ ସହାୟତା ରାଶି ୫ ଲକ୍ଷ ଟଙ୍କା ଯୋଗାଇ ଦେବାକୁ ଦାବି କରାଯାଇଥିଲା। ଶେଷରେ ଏକ ପ୍ରତିନିଧି ମଣ୍ଡଳୀ ଏବିଓଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବା ସହ ସ୍ଥାନୀୟ ସମସ୍ୟା ସମାଧାନ ପାଇଁ ଅଡିବସି ଥିଲେ। ଆସନ୍ତା ନଭେମ୍ବର ସୁଦ୍ଧା ଏକାଧିକ ଦାବି ପୂରଣ ପାଇଁ ଶିକ୍ଷାଧିକାରୀ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇ ଥିଲା। ଏହି ଆନ୍ଦୋଳନରେ ସିଟୁର ରାଜ୍ୟନେତା ପୂର୍ଣ୍ଣ ଚନ୍ଦ୍ର ପାଢ଼ୀ, ସୁରେଶ ସ୍ୱାଇଁ, ଜିଲା ନେତା ସଂଯୁକ୍ତା ସେଠୀପ୍ରମୁଖ ଯୋଗ ଦେଇ ଥିଲେ ।




ସିଟୁ ପକ୍ଷରୁ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

